## ବିଧାୟକଙ୍କ ଦ୍ୱାରା ୩ ପ୍ରକଳ୍ପର ଭୂମିପୂଜନ

**ବାଲିପାଟଣା,(ଡି.ଏନ୍.ଏ.):** ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି ମଙ୍ଗଳବାର ଶିଶୁଅନନ୍ତ ମହାବିଦ୍ୟାଳୟ ପରିସରରେ ୩ଟି ପ୍ରକଳ୍ପର ଭୂମି ପୂଜା କରିଛନ୍ତି। ମହାବିଦ୍ୟାଳୟ ଶ୍ରେଣୀ ଗୃହ ନିର୍ମାଣ ପାଇଁ ୧କୋଟି ଟଙ୍କା, ପମ୍ପ ଗୃହ ପାଇଁ ୧୦ଲକ୍ଷ ଓ ମହାବିଦ୍ୟାଳୟ ଫାଟକ ପାଇଁ ୫ଲକ୍ଷ ମଞ୍ଜୁର ହୋଇଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ ବୈକୁଣ୍ଠ ନାରାୟଣ ଦାଶ କହିଛନ୍ତି। ଏହି କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିର୍ମାଣକାରୀ ସଂସ୍ଥାକୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେଡି ଯୁବନେତା ପ୍ରତାପ କେଶରୀ ନାୟକଙ୍କ ସମେତ କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ଉନ୍ମୋଚନ, ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଭି/ଏ-୯/୧, ୟୁନିଟ-୨, ପୂର୍ବାହ୍ନ ୧୧ଟା ୩୦।
- ଆର୍ଟ ଭିଜନ ପକ୍ଷରୁ ଏକ୍ସପ୍ଲୋରେଶନ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### ତିରୋଧାନ ଦିବସରେ ଶାସ୍ତ୍ରିଜୀଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୧୧।୧(ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଶାନ୍ତିଦୂତ ଲାଲବାହାଦୁର ଶାସ୍ତ୍ରୀଙ୍କ ୫୬ତମ ତିରୋଧାନ ଦିବସ ମଙ୍ଗଳବାର ଭୁବନେଶ୍ୱର ଶାସ୍ତ୍ରୀନଗରସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ଶାସ୍ତ୍ରୀନଗର ଉନ୍ନୟନ ପରିଷଦ ସଭାପତି ଇଂ. ଗିରିଜା ନନ୍ଦନ ମହାନ୍ତି, ସାଧାରଣ ସମ୍ପାଦକ ଆଡ୍‌ଭୋକେଟ୍ ଅଶୋକ କୁମାର ବେହେରା, କାର୍ଯ୍ୟକାରୀ ସଭାପତି ଡ. ମାନଗୋବିନ୍ଦ ସାନ୍ତ, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଅଭିରାମ ଜେନା, ବାବୁରାମ ସାହୁ, ବୈକୁଣ୍ଠନାଥ ମିଶ୍ର, ପୂର୍ବତନ କର୍ପୋରେଟର ନରେନ୍ ସାହୁ ଓ ଉମାନାଥ ମିଶ୍ର ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଡ. ମାନଗୋବିନ୍ଦ ସାନ୍ତଙ୍କୁ ଶାନ୍ତିଦୂତ ଲାଲବାହାଦୁର ଶାସ୍ତ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ସଂଯୋଜନା କରିଥିଲେ।

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୁର୍ବେଦିକ ମେଡିସିନ ପାଠ୍ୟକ୍ରମ

**ବାରଙ୍ଗ, ୧୧।୧(ଡି.ଏନ୍.ଏ.):** ଆୟୁର୍ବିଜ୍ଞାନ ଏବଂ ଅନୁସନ୍ଧାନ ଭେଷଜ ମହାବିଦ୍ୟାଳୟରେ ଆୟୁର୍ବେଦିକ ମେଡିସିନ୍ ସାଢ଼େ ପାଞ୍ଚ ବର୍ଷ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହେବ। ଏଥିପାଇଁ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟର ଅଧୀନ ଆୟୁର୍ବେଦିକ ଭେଷଜ ଶିକ୍ଷା ନିୟାମକ ପ୍ରାଧୀକରଣ ନ୍ୟାଶନାଲ କମିଶନ ଫର୍ ଇଣ୍ଡିଆନ ସିଷ୍ଟମ୍ ଅଫ ମେଡିସିନ୍ (ଏନସିଆଇଏସ୍‌ଏମ୍)ରୁ ଆବଶ୍ୟକ ଅନୁମତି ଲାଭ କରିଛି। ବିଦ୍ୟାଳୟରେ ୬୦ଟି ସିଟ୍ ବଦଳରେ ସିଟ୍ ସଂଖ୍ୟା ୧୦୦କୁ ବୃଦ୍ଧି କରାଯିବ ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଭାଇସ ଚାନ୍ସେଲର ଅଜୟ କୁମାର ସିଂ ମତବ୍ୟକ୍ତ କରିଛନ୍ତି। ପାଠ୍ୟକ୍ରମର ଶୁଭାରମ୍ଭ ନେଇ ୨୦୨୧-୨୨ର ପ୍ରଥମ ବ୍ୟାଚ୍ ପାଇଁ ଆଡମିଶନ୍ ଆରମ୍ଭ ହୋଇଛି। ଏଥିରେ ନାମ ଲେଖାଇବା ପାଇଁ ନ୍ୟାଶନାଲ ଏଲିଜିବିଲିଟି ଏଣ୍ଟ୍ରାନ୍ସ ଟେଷ୍ଟରେ ଅନ୍ୟୂନ ୧୩୮ ମାର୍କ ରଖିବାକୁ ପଡିବ। ସମ୍ମିଳନୀରେ ଏକ୍‌ଜିକ୍ୟୁଟିଭ ରେଜିଷ୍ଟ୍ରାର ବି. ଆର. ଶର୍ମା, ଡିନ୍ କେ.ପଣ୍ଡା, ଡ. ଦୁର୍ଗାପ୍ରସାଦ ଦାଶ, ଡ. ବିଜୟଲକ୍ଷ୍ମୀ ମହାନ୍ତି, ଡ.ସନ୍ଧ୍ୟା ସାଧନା ପ୍ରମୁଖ ଉପସ୍ଥିତ ଥିଲେ।

### ଗୁରୁବାରଠାରୁ ୨ ହାଟ ସ୍ଥାନ ବଦଳିବ

**ଭୁବନେଶ୍ୱର, ୧୧।୧ (ବ୍ୟୁରୋ):** କରୋନାର ଦ୍ରୁତ ସଂକ୍ରମଣକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବଜାର ଓ ହାଟ ଉପରେ କଟକଣା ଜାରି କରାଯାଇଛି। ଗହଳିକୁ ଏଡାଇବା ପାଇଁ ହାଟର ବିକେନ୍ଦ୍ରୀକରଣ କରାଯିବ। ଏଥିପାଇଁ ସୋମବାର ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଗୁରୁବାରଠାରୁ ହାଟର ସ୍ଥାନ ବଦଳିବ। ୟୁନିଟ-୧ ହୋଲ୍‌ସେଲ୍ ଓ ୟୁନିଟ-୪ ଭଳି ଜନଗହଳି ପୂର୍ଣ୍ଣ ମାର୍କେଟ ରାସ୍ତା ପାର୍ଶ୍ୱକୁ ଉଠିବ। ପ୍ରଥମ ଓ ଦ୍ୱିତୀୟ ଲହର ଭଳି ଅନୁରୂପ ପଦକ୍ଷେପ ନେବାକୁ ସମସ୍ତ ଜୋନାଲ ଡେପୁଟି କମିଶନରଙ୍କୁ ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଆଧାର କରି ଜୋନାଲ ଡେପୁଟି କମିଶନର ମଙ୍ଗଳବାର ଦୁଇ ହାଟର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ହାଟର କର୍ମକର୍ତ୍ତା ୨ ଦିନ ପ୍ରସ୍ତୁତି ପାଇଁ ସମୟ ମାଗିଛନ୍ତି। ଗୁରୁବାରଠାରୁ ୟୁନିଟ-୧ ହୋଲ୍‌ସେଲ୍ ଓ ୟୁନିଟ-୪ ହାଟ ରାସ୍ତାକଡ଼ରେ ଖୋଲିବ ବୋଲି ନିଷ୍ପତ୍ତି ହୋଇଛି।

# ବେକରେ ଲାଗିଗଲା ମାଞ୍ଜା ସୂତା, ୩ ଆହତ

**ଭୁବନେଶ୍ୱର,୧୧।୧(ବ୍ୟୁରୋ)**

ନିଷେଧ ମାଞ୍ଜା ସୂତା ବାରମ୍ବାର ଜୀବନ ନେଉଛି, ଅନେକେ ଆହତ ହେଉଛନ୍ତି। ଘଟଣା ଘଟିବା ପରେ ପୋଲିସର ଚେତା ପଶୁଛି। ଯାଞ୍ଚ ନିର୍ଦ୍ଦେଶ ଦେଇ ପ୍ରହସନ କରୁଥିବାରୁ ଭୁବନେଶ୍ୱର କମିଶନରେଟ ପୋଲିସ ଅଞ୍ଚଳରେ ଆଉଏକ ଘଟଣା ଘଟିଛି। ଖଣ୍ଡଗିରି ଥାନା ଡୁମୁଡୁମା ଅଞ୍ଚଳରେ ମଙ୍ଗଳବାର ୩ଜଣ ଯୁବକଙ୍କ ବେକରେ ମାଞ୍ଜା ଗୁଡ଼ି ସୂତା ଲାଗିଯିବାରୁ ଆହତ ହୋଇଛନ୍ତି। ସେମାନେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ନିର୍ମଳ କୁମାର ବେହେରା ଓ ସ୍ୱୟଂ ରାୟ ଚୌଧୁରୀ। ଅନ୍ୟଜଣଙ୍କ ପରିଚୟ ମିଳିପାରି ନାହିଁ। ସେମାନେ ନିକଟରେ ଥିବା ଏକ ମେଡିସିନ୍ ଷ୍ଟୋରରେ ପ୍ରାଥମିକ ଚିକିତ୍ସା କରି ଜୀବନ ନେଇ ଘରକୁ ଫେରିଛନ୍ତି।

ଖଣ୍ଡଗିରି ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଘଟଣା ପରେ କମିଶନରେଟ ପୋଲିସର ସମସ୍ତ ଥାନା ଅଧିକାରୀଙ୍କୁ ଡାକି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରାଯାଇଛି।



ଆହତ ଦୁଇ ଯୁବକ ଓ ଜବତ ମାଞ୍ଜାସୂତା।

**ଯାଞ୍ଚ ନିର୍ଦ୍ଦେଶ ଦେଇ ପ୍ରହସନ କରୁଛି କମିଶନରେଟ ପୋଲିସ**

ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ କହିଛନ୍ତି, ସମସ୍ତ ଥାନା ଅଧିକାରୀଙ୍କୁ ନିଜ ନିଜ ଅଞ୍ଚଳରେ ମାଞ୍ଜାସୂତା ବିକ୍ରି କରୁଥିବା ଦୋକାନୀଙ୍କ ଉପରେ କଡ଼ା ନଜର ରଖିବାକୁ କୁହାଯାଇଛି।

ସୂଚନା ଅନୁଯାୟୀ, ମଧ୍ୟାହ୍ନରେ ଡୁମୁଡୁମା ପାଲାମଣ୍ଡପ ରାସ୍ତାରେ ଲୋକମାନେ ଯିବାଆସିବା କରୁଥିଲେ। ହଠାତ୍ ଏକ ମାଞ୍ଜା ସୂତା ଉପରୁ ଖସି ଭିନ୍ନ ଭିନ୍ନ ବାଇକରେ ଯାଉଥିବା ୩ଜଣ ଯୁବକଙ୍କ ବେକରେ ଲାଗି ଯାଇଥିଲା। ଗାଡିର ବେଗ କମ୍ ଥିବାରୁ ସମସ୍ତଙ୍କ ବେକ ଅଳ୍ପ କଟିଯାଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଚିକିତ୍ସା କରି ଛାଡ଼ିଥିଲେ। ଘଟଣା ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସର କାର୍ଯ୍ୟାନୁଷ୍ଠାନ ଅଭାବ ଯୋଗୁ ଏଭଳି ହେଉଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ, ଗତ ଡିସେମ୍ବର ୨୬ରେ କଟକ ଜିଲା ଜଗତପୁର ଥାନା ପୀରବଜାର ନିକଟରେ ମାଞ୍ଜାସୂତା ଲାଗି ଜୟନ୍ତ ସାମଲଙ୍କ ବେକ କଟିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ୨୭ ତାରିଖ ପୁରୀରେ ଜଣେ ବ୍ୟକ୍ତିଙ୍କ ବେକରେ ମାଞ୍ଜା ସୂତା ଲାଗିଯିବାରୁ ସେ ଆହତ ହୋଇଥିଲେ। ଏହା ପୂର୍ବରୁ ଭୁବନେଶ୍ୱର ଓ କଟକରେ ଏକାଧିକ ଲୋକଙ୍କ ଜୀବନ ନେଇଛି ମାଞ୍ଜା ସୂତା।

# ଚିଲିକାରେ ପଶିଲେ ହାତୀପଲ



**ଖୋର୍ଦ୍ଧା ଅଫିସ,୧୧।୧**

ଚନ୍ଦକା ଏକ ହାତୀପଲ ଖୋର୍ଦ୍ଧା ଓ ଟାଙ୍ଗୀ ବନାଞ୍ଚଳରେ ରହୁଛନ୍ତି। ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେବା ସହ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ମଙ୍ଗଳବାର ସକାଳେ ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ସୋରଣ ମାନସିଂହପୁର ନିକଟ ଚିଲିକାରେ ୧୧ଟି ହାତୀ ଥିବା ଏକ ପଲ ପଶିଥିବା ଦେଖିବାକୁ ମିଳିଥିଲା। ହାତୀପଲଙ୍କୁ ଦେଖି ମାଛ ମାରିବାକୁ ଯାଉଥିବା ମତ୍ସ୍ୟଜୀବୀ ଭୟଭୀତ ହୋଇପଡିଥିଲେ। ଟାଙ୍ଗୀ ବନ ବିଭାଗ ଟିମ୍ ଓ ସ୍ଥାନୀୟ ଗ୍ରାମବାସୀ ହାତୀପଲଙ୍କୁ ଘଉଡ଼ାଇଥିଲେ। ପରେ ହାତୀପଲ ସ୍ଥଳଭାଗକୁ ଆସି ଅଁଳାଡିହ ଛକଡିପୁର ଦେଇ ସୋରଣ ମାନସିଂହପୁର ନିକଟ ଜଙ୍ଗଲ ଅଭିମୁଖେ ପଳାଇଥିଲେ।

## ସୁଇମିଂପୁଲ୍ ବ୍ୟବହାର ଉପରେ କଟକଣା

■ଭୁବନେଶ୍ୱରର ୧୨ ସ୍ଥାନ ମାଇକ୍ରୋ କଣ୍ଟେନମେଣ୍ଟ, ୪ କଣ୍ଟେନମେଣ୍ଟ

**ଭୁବନେଶ୍ୱର, ୧୧।୧ (ବ୍ୟୁରୋ)**

ଭୁବନେଶ୍ୱରରେ କରୋନା ସଂକ୍ରମଣ ଗ୍ରାଫ୍ ଉପରମୁହାଁ ହେବାରେ ଲାଗିଛି। ଗତମାସରେ ଦୈନିକ ସଂକ୍ରମଣ ସଂଖ୍ୟା ୧୦୦ ତଳେ ରହୁଥିବାବେଳେ ଏବେ ୭ଶହ ଟପିଛି। ଗତ ୨୪ ଘଣ୍ଟା ମଧ୍ୟରେ ସହରରୁ ୭୧୦ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ରୋକିବା ପାଇଁ ବିଏମ୍‌ସି କଣ୍ଟେନମେଣ୍ଟ କଟକଣାକୁ ଆପଣାଇଛି ମଙ୍ଗଳବାର ସହରର ଆଉ ୧୨ ସ୍ଥାନକୁ ମାଇକ୍ରୋକଣ୍ଟେନମେଣ୍ଟ ଓ ୪ ସ୍ଥାନକୁ କଣ୍ଟେନମେଣ୍ଟ ଘୋଷଣା କରିଛି। ଏଥିସହ ସୁଇମିଂପୁଲ୍‌ରୁ ସଂକ୍ରମଣ ବ୍ୟାପିବା ଆଶଙ୍କା କରି ଏହାର ବ୍ୟବହାର ଉପରେ ରୋକ ଲଗାଇଛି ବିଏମ୍‌ସି। ସହରର ବିଭିନ୍ନ ସ୍ଥାନରେ ଥିବା ଘରୋଇ ସୁଇମିଂପୁଲ୍ ବନ୍ଦ ରଖିବା ପାଇଁ ବିଜ୍ଞପ୍ତି ଜାରି କରାଯାଇଛି। ତେବେ କେବଳ ସରକାରୀ ସୁଇମିଂପୁଲ ବ୍ୟବହାର ପାଇଁ ଅନୁମତି ରହିଥିବାବେଳେ ଏଥିରେ ମଧ୍ୟ କଟକଣା ରହିଛି। କେବଳ କ୍ରୀଡ଼ାବିତ୍‌ମାନେ ଅଭ୍ୟାସ ପାଇଁ ସୁଇମିଂପୁଲ୍ ବ୍ୟବହାର କରିପାରିବେ। ଏନେଇ ଅତିରିକ୍ତ କମିଶନର ତଥା ଏନଫୋର୍ସମେଣ୍ଟ କମିଶନରଙ୍କ ସମେତ ସମସ୍ତ ଜୋନାଲ ଡେ଼ପୁଟି କମିଶନରଙ୍କୁ ଅବଗତ କରାଯାଇଛି। ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି।

# ମହିଳା ମୃତ, ହାଇୱା ଜାଳିଦେଲେ ଲୋକେ

**ବାଲକାଟୀ,୧୧।୧(ଡି.ଏନ୍.ଏ.)**

ବାଲକାଟୀ-ବନମାଳୀପୁର ମୁଖ୍ୟ ରାସ୍ତାରେ ମଙ୍ଗଳବାର ରାତିରେ ଏକ ହାଇୱା ଧକ୍କାରେ ସ୍କୁଟିରେ ଯାଉଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଧଉଳି ଥାନା ସରଦେଇପୁର ଗ୍ରାମର ଝରଣା ପ୍ରଧାନ। ସ୍ଥାନୀୟ ଲୋକେ ରାସ୍ତାରୋକୋ କରିବା ସହ ହାଇୱାରେ ନିଆଁ ଲଗାଇ ଦେଇଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଦୀର୍ଘ ସମୟ ଧରି ଗାଡିମୋଟର ଅଟକି ରହିଥିଲା। ବାଲକାଟୀ ଫାଣ୍ଡି ଅଧିକାରୀ ମନତାଜ ଅଲ୍ଲିଖାନ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ବାଲିଅନ୍ତା ଅଗ୍ନିଶମ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପୋଲିସ ସୂଚନା ଅନୁଯାୟୀ, ଝରଣା ତାଙ୍କ ସ୍ୱାମୀଙ୍କ ସହ ଏକ ସ୍କୁଟିରେ ବାଲିପାଟଣା ଥାନା ଅଧୀନ ଶ୍ୱଶୁର ଘର ମଧୁବନ(ତରଡ଼ାପଡ଼ା)କୁ ମଙ୍ଗଳବାର ରାତିରେ ଯାଉଥିଲେ। ବାଲକାଟୀ ବସନ୍ତଯୋଡ଼ି ବ୍ରିଜ ନିକଟରେ ଦ୍ରୁତଗତିରେ ଆସୁଥିବା ଓଡି୦୨ବିଟି ୦୯୦୭ ନଂ. ବିଶିଷ୍ଟ ହାଇୱା ପଛରୁ ଧକ୍କା ଦେଇଥିଲା। ଫଳରେ ସ୍କୁଟିରୁ ଝରଣା ତଳେ ପଡ଼ିଯିବାରୁ ହାଇୱା ତାଙ୍କୁ ପ୍ରାୟ ୩୦ଫୁଟ ଟାଣି ନେଇଯାଇଥିଲା। ତାଙ୍କୁ ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲ ନିଆଯାଉଥିବାବେଳେ ବାଟରେ ମୃତ୍ୟୁ ହୋଇଯାଇଥିଲା। ପୋଲିସ ପରିବାର ଲୋକଙ୍କ ସହାୟତାରେ ଝରଣାଙ୍କ ସ୍ୱାମୀଙ୍କୁ ଅଠାନ୍ତର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଡ୍ରାଇଭର ଫେରାର ହୋଇଥିବାବେଳେ ପୋଲିସ ୨ଟି ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

## ଲକ୍ଷ୍ମୀଧର ବେହେରା ଆଇଆଇଟି ମଣ୍ଡି ନିର୍ଦ୍ଦେଶକ

**ଭୁବନେଶ୍ୱର, ୧୧।୧(ବ୍ୟୁରୋ)**



ଓଡ଼ିଆ ଶିକ୍ଷାବିତ୍ ପ୍ରଫେସର ଲକ୍ଷ୍ମୀଧର ବେହେରାଙ୍କୁ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଆଇଆଇଟି) ମଣ୍ଡିର ନୂତନ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ଆଇଆଇଟି କାନ୍‌ପୁରରେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ପୁନମ୍ ଏବଂ ପ୍ରଭୁ ଗୋଏଲ୍ ଚେୟାରର ପ୍ରଫେସର ବେହେରା ହେଉଛନ୍ତି ରୋବୋଟିକ୍ସ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବିଶେଷଜ୍ଞ। ସେ ଜଳବାୟୁ ନିୟନ୍ତ୍ରିତ କୃଷି, ଜୈବ ଶକ୍ତି, ରୋବୋଟିକ୍ସ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି କେତେକ କ୍ଷେତ୍ର ପାଇଁ ସ୍ୱତନ୍ତ୍ର ଯୋଜନା ରଖିଥିବାବେଳେ ଆଇଆଇଟି ମଣ୍ଡିକୁ ର୍‍ୟାଙ୍କିଂରେ ଉନ୍ନତି ଆଣିବା ଉପରେ ସେ ଗୁରୁତ୍ୱ ଦେବେ ବୋଲି ପ୍ରଫେସର ବେହେରା କହିଛନ୍ତି।

୨୦୨୦ରେ କୋଭିଡ୍ ଲକ୍‌ଡାଉନ୍ ସମୟରେ ସେ ପ୍ରତିଦିନ ୧ ହଜାରରୁ ଅଧିକ ରାସ୍ତା କଡ଼ ପିଲାଙ୍କୁ ଖାଇବାକୁ ଦେବା ପାଇଁ କ୍ୟାମ୍ପସ୍‌ରେ ଏକ କମ୍ୟୁନିଟି ରୋଷେଇ ଘର ଚଳାଉଥିଲେ। ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅନ୍ତର୍ଗତ ତାଳସରା ଗ୍ରାମରେ ଜନ୍ମଗ୍ରହଣ କରିଥିବା ବେହେରା ଉଚ୍ଚଶିକ୍ଷା ପାଇଁ ୧୯୯୧ରେ ଓଡ଼ିଶା ଛାଡିଥିଲେ। ଏନ୍‌ଆଇଟି ରାଉରକେଲାରୁ ଏମ୍‌ଟେକ୍ ଶେଷ କରିବା ପରେ ଆଇଆଇଟି ଦିଲ୍ଲୀରୁ ପିଏଚ୍‌ଡି ପାଇଥିଲେ। ୨୦୦୧ରେ ଆଇଆଇଟି କାନପୁରରେ ଯୋଗଦେବା ପୂର୍ବରୁ ସେ ରାଜସ୍ଥାନର ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଏବଂ ଜର୍ମାନୀର ନ୍ୟାଶନାଲ ରିସର୍ଚ୍ଚ ସେଣ୍ଟର ଅଫ୍ ଇନଫରମେଶନ ଟେକ୍ନୋଲୋଜିରେ ବୈଜ୍ଞାନିକ ଭାବେ କାର୍ଯ୍ୟ କରିଥିଲେ।

## ପୂର୍ବତନ ମନ୍ତ୍ରୀ ଦୁର୍ଯ୍ୟୋଧନ ମାଝିଙ୍କ ପରଲୋକ

**ଭୁବନେଶ୍ୱର,୧୧।୧ (ବ୍ୟୁରୋ)**

ପୂର୍ବତନ ମନ୍ତ୍ରୀ ତଥା ନୂଆପଡା ଜିଲା ଖଡିଆଳ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ମାଝିଙ୍କ ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ବର୍ଷ ହୋଇଥିଲା। ଭୁବନେଶ୍ୱର ବାସଭବନରେ ରାତିରେ ଶୋଇଥିବା ବେଳେ ହଠାତ୍ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ରାତି ପ୍ରାୟ ୩ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ଅପରାହ୍ନରେ ତାଙ୍କ ପାର୍ଥିବ ଶରୀରକୁ ବିଧାନସଭା ପରିସରକୁ ନିଆଯାଇଥିଲା। ସେଠାରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ବୁଧବାର ନିଜ ଗାଁ ବୋଇରଗାଁଠାରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ସୂତ୍ରରୁ ସୂଚନା ମିଳିଛି। ନୂଆପଡ଼ା ଜିଲା ବୋଡେନ ବ୍ଲକ ବୋଇରଗାଁ ଗ୍ରାମରେ ୧୯୩୮ରେ ଜନ୍ମଗ୍ରହଣ କରିଥିଲେ ଦୁର୍ଯ୍ୟୋଧନ। ୧୯୯୦, ୧୯୯୫ରେ ଜନତା ଦଳରୁ ଏବଂ ୨୦୦୦ ଓ ୨୦୦୪ରେ ସେ ବିଜେଡିରୁ ଖଡିଆଳରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ୨୦୦୦ରୁ ୨୦୦୯ ମଧ୍ୟରେ ସେ ସୂଚନା ଓ ପ୍ରସାରଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଯୋଜନା ସମନ୍ୱୟ, ବିଜ୍ଞାନ ଓ କାରିଗରି ବିଭାଗର



ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୨୦୦୯ରେ ତାଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ୨୦୧୪ରେ ଭାଜପା ଟିକେଟରେ ସେ ଖଡିଆଳ ନିର୍ବାଚନମଣ୍ଡଳୀରୁ ଜିତି ଥିଲେ। ୨୦୧୯ରେ ଭାଜପାରୁ ଇସ୍ତଫା ଦେଇ ସେ ବିଜେଡିରେ ସାମିଲ ହୋଇଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦିଲୀପ



@ ସତ୍ୟଜିତ୍



@ ଆଲିସା



@ ମିନତି



@ ସିଦ୍ଧାନ୍ତ



@ ପ୍ରେମ୍

## ମୁମ୍ବାଇରେ ଆୟୁଷ୍ମାନଙ୍କ ୧୯ କୋଟିର ବଙ୍ଗଳା



**ମୁମ୍ବାଇ:** ବଲିଉଡ୍‌ର ସଫଳ ଅଭିନେତା ଆୟୁଷ୍ମାନ ଖୁରାନାଙ୍କ ଅଭିନୟ କ୍ୟାରିୟରକୁ ୧୮ ବର୍ଷ ପୂରିଛି। ସେ ଏବେ ୩୭ ବର୍ଷ ବୟସରେ ପଦାର୍ପଣ ରହିଥିବାବେଳେ ପରିବାର ପାଇଁ ମୁମ୍ବାଇରେ ଏକ ବିଳାସପୂର୍ଣ୍ଣ ବଙ୍ଗଳା କିଣିଛନ୍ତି। ଏହାର ମୂଲ୍ୟ ୧୯ କୋଟି ଟଙ୍କା ରହିଛି। ଏଥିରେ ୪ କୋଟିର ପାର୍କିଂ ପ୍ଲଟ୍ ରହିଛି। ମୁମ୍ବାଇର ଅନ୍ଧେରୀ ୱେଷ୍ଟର ଲୌଖଣ୍ଡୱାଲା କମ୍ପ୍ଲେକ୍ସର ହାଉସିଂ କମ୍ପ୍ଲେକ୍ସର ୱିଣ୍ଡୋ ଗ୍ରାଣ୍ଡ ରେସିଡେନ୍ସିରେ ରହିବା ପାଇଁ ଗତ ବର୍ଷ ୨୯ ନଭେମ୍ବରରୁ ସେ ଡିଲ୍ ଫାଇନାଲ କରିଥିଲେ। ଏହି ବିଲ୍ଡିଂରେ କ୍ୟାଟ୍ରିନା କୈଫ ଏବଂ ବିକି କୌଶଲ, ଅନୁଷ୍କା ଶର୍ମା ଏବଂ ବିରାଟ କୋହଲି ମଧ୍ୟ ଘର ନେଇଛନ୍ତି।



ପୁରୀ ବେଳାଭୂମିରେ ବ୍ଲୁ ଫ୍ଲାଗ ବିଚ୍‌କୁ ବିରୋଧ କରି ବେଳାଭୂମିର କ୍ଷୁଦ୍ର ବ୍ୟବସାୟୀମାନେ ପ୍ରଶାସନ ଦ୍ୱାରା ଖୋଳାଯାଇଥିବା ଜାଗାକୁ ମଙ୍ଗଳବାର ପୋତୁଛନ୍ତି।



କୋଣାର୍କ ସୂର୍ଯ୍ୟମନ୍ଦିରରେ ମଙ୍ଗଳବାର ଆରମ୍ଭ ହୋଇଥିବା ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'କୁ ପର୍ଯ୍ୟଟକମାନେ ବସି ଦେଖୁଛନ୍ତି।




ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ମଙ୍ଗଳବାର ରବୀନ୍ଦ୍ରମଣ୍ଡପରେ ଆୟୋଜିତ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମାତୃ ପ୍ରସାଦ ଦାସ ଓଡ଼ିଶୀ ସଙ୍ଗୀତ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ଗ୍ରାମାଞ୍ଚଳରେ ୪୦ ପଜିଟିଭ୍, ୮ ସୁସ୍ଥ

**ଖୋର୍ଦ୍ଧା ଅଫିସ,୧୧।୧:** ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଦିନକୁ ଦିନ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ମଙ୍ଗଳବାର ୪୦ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୮ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୨, ବାଲିପାଟଣା ୨, ଭୁବନେଶ୍ୱର(ମେଣ୍ଢାଶାଳ)୧୫, ଜଟଣୀ ୪, ଖୋର୍ଦ୍ଧା ୫, ବେଗୁନିଆ ୨, ବୋଲଗଡ଼ ୧ ଏବଂ ବାଣପୁରର ୯ଜଣ ରହିଛନ୍ତି। ତେବେ ଗ୍ରାମାଞ୍ଚଳରେ ମଙ୍ଗଳବାର ସୁଦ୍ଧା ୩୦,୩୭୬ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୨୯,୭୫୦ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୪୪୨ ଜଣଙ୍କ କୋଭିଡ୍‌ରେ ମୃତ୍ୟୁ ଘଟିଛି। ୧୭୬ ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି। ସେହିପରି ଜିଲାରେ ୨୧୦୨ ଜଣଙ୍କ କୋଭିଡ୍ ପରୀକ୍ଷା କରାଯାଇଛି। ସେଥିରୁ ରାପିଡ୍ ଆଣ୍ଟିଜେନ ଟେଷ୍ଟ ୧୦୫୯ ଏବଂ ଆରଟିପିସିଆର ୧୦୪୩ ଜଣଙ୍କ କରାଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ରମାବିଲ ଟିମ୍ ସେମିଫାଇନାଲରେ

**ବୋଲଗଡ଼,୧୧।୧(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଖଙ୍ଗୁରିଆ ମିନି ଷ୍ଟାଡିୟମରେ ଚାଲିଥିବା ମା’ ରାମଚଣ୍ଡୀ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ ବ୍ଲକର ଡାବରଧୁଆ ପାଟଣା ଟିମ୍‌କୁ ହରାଇ ନୟାଗଡ଼ ଜିଲା ରଣପୁର ବ୍ଲକର ରମାବିଲ କ୍ରିକେଟ ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ଡାବରଧୁଆ ପାଟଣା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୭ ଉଇକେଟ ବିନିମୟରେ ୧୨୨ରନ୍ ସଂଗ୍ରହ କରିଥିଲା। ଜବାବରେ ରମାବିଲ ଟିମ୍ ୧୩.୩ ଓଭରରେ ୭ ଉଇକେଟ ବିନିମୟରେ ଆବଶ୍ୟକ ୧୨୩ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଗିରିଧାରୀ ସାହୁ ଓ ବବୁଲ କୁମାର ମ୍ୟାଚ୍ ପରିଚାଳନା କରିଥିଲେ। ସ୍ଥାନୀୟ ସରପଞ୍ଚ ଜଳଧର ମହାନ୍ତି, ସାମାଜିକ କର୍ମୀ ଅତୁଲ କୁମାର ସାହୁ ଅତିଥିଭାବେ ଯୋଗଦେଇ ଏହି ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ପରେ କଂଗ୍ରେସ ନେତା ପୃଥ୍ୱିବଲ୍ଲଭ ପଟ୍ଟନାୟକ ଓ ନବକିଶୋର ପଣ୍ଡା ପହଞ୍ଚି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୋମନାଥ ସାହୁ, ବିଜୟ ହରିଚନ୍ଦନ, ସୁଦର୍ଶନ ସ୍ୱାଇଁ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

### ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ୩ ବିଦ୍ୟାର୍ଥୀ ମନୋନୀତ

**ଜଟଣୀ,୧୧।୧(ଡି.ଏନ୍.ଏ.):** ଜାତୀୟ ଦକ୍ଷତା ବିକାଶ ନିଗମ ଦ୍ୱାରା ଆୟୋଜିତ ଇଣ୍ଡିଆ ସ୍କିଲ୍ସ-୨୦୨୧ରେ ଓଡ଼ିଶା ୫୧ ପଦକ ସହ ଶୀର୍ଷରେ ରହିଛି। କୌଶଳ ଉତ୍କର୍ଷର ସର୍ବବୃହତ୍ ପ୍ରଦର୍ଶନୀରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ୩ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଛି। ଏମାନେ ୨୦୨୨ରେ ସାଂଘାଇରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ଦକ୍ଷତା ପ୍ରତିଯୋଗିତା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ବିଏସ୍‌ସି ମାଇକ୍ରୋବାୟୋଲୋଜିର ଛାତ୍ରୀ ଜେ.ଲାବଣ୍ୟା ସ୍ୱାସ୍ଥ୍ୟ ଏବଂ ସାମାଜିକ ଯତ୍ନରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେ ତାଙ୍କ ସଫଳତାର ଶ୍ରେୟ ସ୍କୁଲ ଅଫ୍ ପାରାମେଡିକ୍ସର ଅତ୍ୟାଧୁନିକ ପ୍ରୟୋଗଶାଳା ଏବଂ ମାର୍ଗଦର୍ଶକଙ୍କୁ ଦେଇଛନ୍ତି। ସେହିପରି ଯୋଗ୍ୟ ପରାମର୍ଶଦାତାଙ୍କ ତତ୍ତ୍ୱାବଧାନରେ ସର୍ବୋତ୍ତମ ସିଏନ୍‌ସି ମେଶିନ ତାଲିମପ୍ରାପ୍ତ ସତ୍ୟରଞ୍ଜନ ମହାନ୍ତି ସିଏନ୍‌ସି ଟର୍ନିଂରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। କାଠ କାର୍ଯ୍ୟରେ ହ୍ରିତିକ ପାତ୍ର ବ୍ରୋଞ୍ଜ ପଦକ ପାଇଛନ୍ତି। ସାଇବର ସୁରକ୍ଷା, କ୍ଲାଉଡ୍ କମ୍ପ୍ୟୁଟିଂ ଏବଂ ୩ଡି ଡିଜିଟାଲ୍ ଗେମ୍ ଆର୍ଟ କ୍ଷେତ୍ରରେ ଅନ୍ୟ ଛାତ୍ରୀଛାତ୍ର ମଧ୍ୟ ସେମାନଙ୍କର ସର୍ବୋତ୍ତମ ପ୍ରଦର୍ଶନ ଦେଇଛନ୍ତି। ଜାତୀୟ ଦକ୍ଷତା ବିକାଶ ନିଗମ ଦିଲ୍ଲୀରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା।

# ଚିଲିକାରେ ପଶିଲେ ହାତୀପଲ

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ, ୧୧।୧(ଡି.ଏନ୍.ଏ.)**



- ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି
- ହାତପଲଙ୍କୁ ଦେଖିବା ପାଇଁ ଲୋକଙ୍କ ଭିଡ଼

ଖୋର୍ଦ୍ଧା ବନଖଣ୍ଡରେ ହାତୀ ଉପଦ୍ରବ ଲାଗି ରହିଛି। ଚନ୍ଦକାରୁ ଖସି ଆସିଥିବା ଏକ ହାତୀପଲ ଖୋର୍ଦ୍ଧା ଓ ଟାଙ୍ଗୀ ବନାଞ୍ଚଳରେ ରହୁଛନ୍ତି। ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେବା ସହ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ମଙ୍ଗଳବାର ସକାଳେ ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ସୋରଣ ମାନସିଂହପୁର ନିକଟ ଚିଲିକାରେ ୧୧ଟି ହାତୀ ଥିବା ଏକ ପଲ ପଶିଥିବା ଦେଖିବାକୁ ମିଳିଥିଲା। ଚିଲିକାରେ ଥିବା ନଳ ଘାସକୁ ଆଖୁଗଛ ଭାବି ଖାଇବାକୁ ଯାଇ ପାଣିରେ ପଶି ରହିଥିଲେ। ତେବେ ହାତୀପଲଙ୍କୁ ଦେଖି ମାଛ ମାରିବାକୁ ଯାଉଥିବା ମତ୍ସ୍ୟଜୀବୀ ଭୟଭୀତ ହୋଇପଡିଥିଲେ। ଖବର ପାଇ ଟାଙ୍ଗୀ ବନ ବିଭାଗ ଟିମ୍ ଓ ସ୍ଥାନୀୟ ଗ୍ରାମବାସୀ ଚିଲିକା କୂଳରେ ପହଞ୍ଚି ହାତୀପଲଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ କରିଥିଲେ। ତେବେ ଦୀର୍ଘ ସମୟ ଧରି ହାତୀପଲ ଚିଲିକା ଭିତରେ ରହିଥିଲେ। ପରସ୍ପର ପାଣି ଫିଙ୍ଗାଫିଙ୍ଗି ହେଉଥିବା ଦେଖିବାକୁ ମିଳିଥିଲା। ହାତୀଙ୍କୁ ଦେଖି ଲୋକେ ଜମା ହୋଇଯାଇଥିଲେ। ପରେ ଧୀରେ ଧୀରେ ହାତୀପଲ ସ୍ଥଳଭାଗକୁ ଆସି ଅଁଳାଡିହ ଛକଡିପୁର ଦେଇ ସୋରଣ ମାନସିଂହପୁର ନିକଟ ଜଙ୍ଗଲ ଅଭିମୁଖେ ପଳାଇଥିଲେ।

## ଝଲସିଲା ସୂର୍ଯ୍ୟମନ୍ଦିର



କୋଣାର୍କ ସୂର୍ଯ୍ୟମନ୍ଦିରରେ ମଙ୍ଗଳବାର ଆରମ୍ଭ ହୋଇଥିବା ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ’କୁ ପର୍ଯ୍ୟଟକମାନେ ବସି ଦେଖୁଛନ୍ତି।

## ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ଲାଗି ଆହ୍ୱାନ

**କୃଷ୍ଣପ୍ରସାଦ,୧୧।୧(ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଟିଛିଣି ଗ୍ରାମର ତ୍ରିଲୋଚନେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଭାଜପାର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣପ୍ରସାଦ ମଣ୍ଡଳ ସଭାପତି ଦୀନବନ୍ଧୁ ଜେନାଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଭାଜପା ନେତ୍ରୀ ଉପାସନା ମହାପାତ୍ର ଓ ତାଙ୍କ ସ୍ୱାମୀ ଶୁଭ୍ରାଂଶୁ ଶେଖର ବିଶ୍ୱାଳ ଯୋଗଦେଇ ଅଞ୍ଚଳବାସୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ କିଭଳି ବିଜୟୀ ହେବ ସେନେଇ ଉଦ୍ୟମ କରିବେ ବୋଲି ଉପସ୍ଥିତ ଦଳୀୟ କର୍ମୀମାନେ କହିଥିଲେ। ଟିଟିପ, ନୂଆପଡା, ସିଆଣ୍ଡି ଆଦି ପଞ୍ଚାୟତର କେତେଜଣ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଘୁନାଥ ବଡ୍ଡୁ, ଉତ୍ତମ ତରେଇ, ସଂଗ୍ରାମ କେଶରୀ ଜେନା, ଅଶୋକ ବିଶ୍ୱାଳ, ସୁରେନ୍ଦ୍ର ବିଶ୍ୱାଳ, ହରିହର ଦାସ, ଲିଙ୍ଗରାଜ ପଲେଇ, ହିରଣ୍ୟ ଜେନା, ଗିରିଧାରୀ ବିଶ୍ୱାଳ, ସଦାନନ୍ଦ ପ୍ରଧାନ, ନବୀନ ଜେନା, ଅଜୟ ବିଶ୍ୱାଳ, ରମେଶ ଚନ୍ଦ୍ର ବାହୁବଳେନ୍ଦ୍ର, ସୁରେନ୍ଦ୍ର ନାଥ ସାହୁ, ସୁରେନ୍ଦ୍ର ନାଥ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଧାୟକଙ୍କ ଦ୍ୱାରା ପ୍ରକଳ୍ପର ଶୁଭାରମ୍ଭ

**ଖୋର୍ଦ୍ଧା ଅଫିସ,୧୧।୧**

ଖୋର୍ଦ୍ଧା ବ୍ଲକ ନନ୍ଦପୁର ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ମୋଟ୍ ୫୭ ଲକ୍ଷ ଟଙ୍କା ବ୍ୟୟରେ ଆଦର୍ଶ ପୋଖରୀ, ଫାସିଲିଟି ସେଣ୍ଟର, ଜିମ୍ ସେଣ୍ଟର, କମ୍ୟୁନିଟି ଟଏଲେଟ, ମିଶନ ଶକ୍ତି ଗୃହ ରହିଛି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳାଇ, ବିଡିଓ ରୁମାନା ଜାଫ୍ରି ଉପସ୍ଥିତ ଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଟାଙ୍ଗୀ ବ୍ଲକ ୧୬ ନମ୍ବର ଜାତୀୟ ରାଜପଥଠାରୁ ପାରିଓରଡ଼ ଭାୟା ଗୁଟୁମ୍ବର ପଲ୍ଲୀ ରାସ୍ତାର ଶିଳାନ୍ୟାସ ହୋଇଛି। ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ ବିଜୟ ଜେନା, ପାରିଓରଡ଼ ସରପଞ୍ଚ, ଚିନ୍ମୟ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## କର୍ମୀଙ୍କ ମତ ଲୋଡ଼ିଲେ ନେତା

**ବେଗୁନିଆ,୧୧।୧(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କ୍ଷେତ୍ର ପ୍ରସ୍ତୁତ ପାଇଁ ସମସ୍ତ ଦଳର ନେତା ଏବେ ଗାଁମୁହାଁ ହେଲେଣି। କର୍ମୀଙ୍କ ସହ ଆଲୋଚନା କରି କିଭଳି ଦଳ ବିଜୟୀ ହୋଇପାରିବ ସେନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ମଙ୍ଗଳବାର ବେଗୁନିଆ ବ୍ଲକ ରାଉତପଡ଼ା ପଞ୍ଚାୟତସ୍ଥିତ ମା’ ବୁଢ଼ୀ ବଘେଇଙ୍କ ପୀଠ ପରିସରରେ ବିଜେଡି ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେଡି ନେତା ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ। ଆଗାମୀ ନିର୍ବାଚନରେ କିଭଳି ଦଳୀୟ ପ୍ରାର୍ଥୀ ବିଜୟୀ ହୋଇପାରିବେ ସେନେଇ କର୍ମୀଙ୍କଠାରୁ ମତାମତ ଲୋଡ଼ାଯାଇଥିଲା।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦିଲୀପ



@ ସତ୍ୟଜିତ୍



@ ଆଲିସା



@ ମିନତି



@ ସିଦ୍ଧାନ୍ତ



@ ପ୍ରେମ୍

# ୨୪.୪୧ଲକ୍ଷ ଟଙ୍କା ଜରିମାନା ଆଦାୟ

**ଖୋର୍ଦ୍ଧା ଅଫିସ,୧୧।୧**

**ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ**

ଖୋର୍ଦ୍ଧା ଜିଲାରେ ଲଘୁ ଖଣିଜ ଚୋରା ଚାଲାଣ ରୋକିବା ନେଇ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ଗତ ୨୩ ତାରିଖରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ସମସ୍ତ ରାଜସ୍ୱ ଅଧିକାରୀ ଓ ପୋଲିସ ଅଧିକାରୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାର ଲଘୁ ଖଣିଜର ସୁରକ୍ଷା ଦିଗରେ ଆଲୋଚନା କରାଯିବା ସହ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା। ଖୋର୍ଦ୍ଧା ଓ ଟାଙ୍ଗୀ ତହସିଲଦାରଙ୍କ ନେତୃତ୍ୱରେ ୨ଟି ଟିମ୍ ଗଠନ ହୋଇଛି। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ଲଘୁ ଖଣିଜ ଚୋରା ଚାଲାଣରେ ଜଡ଼ିତ ଥିବା ଯାନବାହନ ଜବତ କରିବା ସହ ଜରିମାନା ଆଦାୟ, ସମ୍ପୃକ୍ତ ଗାଡ଼ି ମାଲିକଙ୍କ ବିରୋଧରେ ମାମଲା ରୁଜୁ ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ଗତ ୨୪ ତାରିଖରୁ ଅଦ୍ୟାବଧି ତହସିଲଦାରଙ୍କ ଦ୍ୱାରା ୮୪ଟି ଗାଡ଼ି ଜବତ କରାଯିବା ସହ ୨୪,୪୧,୦୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ୪୫ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଜିଲାରେ ଗତ ତିନି ବର୍ଷ ମଧ୍ୟରେ ମୋଟ ୪୭୭ ପାୱାରଟିଲର ପ୍ରଦାନ କରାଯାଇଅଛି। ସେଥିରୁ ଜିଲା କୃଷି ଅଧିକାରୀ ଅଦ୍ୟାବଧି ୧୧୫ଟି ପାୱାର ଟିଲର ଯାଞ୍ଚ କରିଛନ୍ତି। କେତେକ ପାୱାରଟିଲର ଆବଶ୍ୟକୀୟ ଯାଞ୍ଚ ନିମନ୍ତେ ଉପଲବ୍ଧ କରାଯାଇ ନ ଥିବାରୁ ମାଲିକଙ୍କୁ ନୋଟିସ ଦେବା ସହ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଜଲା କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଥାଉ କି, ଗତ ବର୍ଷ ଜିଲାରେ ୭୩୭ଥର ଚଢ଼ାଉ କରାଯାଇ ୪୫୫ଟି ଗାଡ଼ି ଜବତ କରାଯାଇଛି। ଏଥିସହ ୧,୭୦,୮୯,୨୪୬ ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଗାମୀ ଦିନରେ ଜିଲାରେ ରାଜସ୍ୱ ବିଭାଗ, ପୋଲିସ ଏବଂ ଜଙ୍ଗଲ ବିଭାଗ ପକ୍ଷରୁ ମିଳିତଭାବେ ଚଢାଉ କରାଯିବା ସହ ବେଆଇନ ଲଘୁ ଖଣିଜ ଉତ୍ତୋଳନକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ପୌର ପ୍ରଶାସନ ପକ୍ଷରୁ ଚେକିଂ କଡ଼ାକଡ଼ି

**ଖୋର୍ଦ୍ଧା ଅଫିସ,୧୧।୧:** ଖୋର୍ଦ୍ଧା ଜିଲାରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ସଂକ୍ରମଣ ରୋକିବା ଲାଗି ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ କଟକଣାକୁ କଡ଼ାକଡ଼ି କରାଯାଇଛି। ଏଥିସହ ବିଭିନ୍ନ ସ୍ଥାନରେ ଚେକିଂ କରାଯାଉଛି। ଏହି ପରିପ୍ରେକ୍ଷୀରେ ପୌର ପ୍ରଶାସନ ପକ୍ଷରୁ ପୋଲିସ ସହାୟତାରେ ପ୍ରଥମ ପର୍ଯ୍ୟାୟରେ ପୁରୁଣା ବସ୍‌ଷ୍ଟାଣ୍ଡ, ପୁରୁଣା ମେଡିକାଲ ରୋଡ୍ ଏବଂ ଟ୍ରାଫିକ୍ ଛକ ରାସ୍ତାପାର୍ଶ୍ୱ ବେପାରୀଙ୍କୁ ହାବେଳି ପଡିଆ, ଗୁରୁଜଙ୍ଗ ଓ ଲୋକେଶ୍ୱର ମେଲଣ ପଡ଼ିଆକୁ ସ୍ଥାନାନ୍ତର କରାଯାଇଛି। କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ ନେଇ ୮ ଦୋକାନୀଙ୍କଠାରୁ ୧୭୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ଏ ସମ୍ପର୍କରେ ଉପଜିଲାପାଳ ଆଇ. ଗୌରବ ଶିବାଜୀ କହିଛନ୍ତି, କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ନଜରରେ ରଖି କଟକଣା ଜାରି କରାଯାଇଛି।

# ଶାଲୁଣୀକୁ ହରାଇ ଇଟାମାଟି ଚାମ୍ପିୟନ

**ବୋଲଗଡ଼,୧୧।୧(ଡି.ଏନ୍.ଏ.)**

**ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ**

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ସଂପୁର ଗ୍ରାମର ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଆସୋସିଏଶନ ଓ ବାଲୁଙ୍କେଶ୍ୱର ରାଇଜିଂ ଷ୍ଟାର କ୍ରିକେଟ କ୍ଲବର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଆୟୋଜିତ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଶାଲୁଣୀ ଟିମ୍‌କୁ ହରାଇ ଇଟାମାଟି ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଟସ୍ ଜିତି ଇଟାମାଟି ଟିମ୍ ପ୍ରଥମେ ବ୍ୟାଟିଂ କରି ୧୯ ଓଭର ସୁଦ୍ଧା ସମସ୍ତ ଉଇକେଟ ବିନିମୟରେ ୧୪୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଶାଲୁଣୀ ଟିମ୍ ୧୦.୫ ଓଭରରେ ସମସ୍ତ ଉଇକେଟ ହରାଇ ୫୭ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଭାବଗ୍ରାହୀ ମଙ୍ଗରାଜ ଓ ଲକ୍ଷ୍ମୀଧର ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବର ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି ପ୍ରଫୁଲ୍ଲ ପ୍ରଧାନ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୦ହଜାର ଓ ରନର୍ସ ଅପ୍ ଟିମ୍‌କୁ କପ୍ ସହ ୬ ହଜାର ଟଙ୍କା ପ୍ରଦାନ କରିଥିଲେ। ଅତିଥିଭାବେ ସ୍ଥାନୀୟ ସମିତି ସଭ୍ୟ ପ୍ରଦୀପ ସାହୁ, ସରପଞ୍ଚ ଜଳଧର ମହାନ୍ତି, ସୁବାସ ସ୍ୱାଇଁ, ଖଙ୍ଗୁରିଆ ପଞ୍ଚାୟତ ବିଜେଡି ସଭାପତି ଚିତ୍ତରଞ୍ଜନ ମିଶ୍ର, ଶିକ୍ଷାବିତ୍ ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ସାମାଜିକ କର୍ମୀ ନିରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

## ମୁମ୍ବାଇରେ ଆୟୁଷ୍ମାନଙ୍କ ୧୯ କୋଟିର ବଙ୍ଗଳା



**ମୁମ୍ବାଇ:** ବଲିଉଡ୍‌ର ସଫଳ ଅଭିନେତା ଆୟୁଷ୍ମାନ ଖୁରାନାଙ୍କ ଅଭିନୟ କ୍ୟାରିୟରକୁ ୧୮ ବର୍ଷ ପୂରିଛି। ସେ ଏବେ ୩୭ ବର୍ଷ ବୟସରେ ପଦାର୍ପଣ ରହିଥିବାବେଳେ ପରିବାର ପାଇଁ ମୁମ୍ବାଇରେ ଏକ ବିଳାସପୂର୍ଣ୍ଣ ବଙ୍ଗଳା କିଣିଛନ୍ତି। ଏହାର ମୂଲ୍ୟ ୧୯ କୋଟି ଟଙ୍କା ରହିଛି। ଏଥିରେ ୪ କୋଟିର ପାର୍କିଂ ପ୍ଲଟ୍ ରହିଛି। ମୁମ୍ବାଇର ଅନ୍ଧେରୀ ୱେଷ୍ଟର ଲୌଖଣ୍ଡୱାଲା କମ୍ପ୍ଲେକ୍ସର ହାଉସିଂ କମ୍ପ୍ଲେକ୍ସର ୱିଣ୍ଡୋ ଗ୍ରାଣ୍ଡ ରେସିଡେନ୍ସିରେ ରହିବା ପାଇଁ ଗତ ବର୍ଷ ୨୯ ନଭେମ୍ବରରୁ ସେ ଡିଲ୍ ଫାଇନାଲ କରିଥିଲେ। ଏହି ବିଲ୍ଡିଂରେ କ୍ୟାଟ୍ରିନା କୈଫ ଏବଂ ଭିକି କୌଶଳ, ଅନୁଷ୍କା ଶର୍ମା ଏବଂ ବିରାଟ କୋହଲି ମଧ୍ୟ ଘର ନେଇଛନ୍ତି।



ପୁରୀ ବେଳାଭୂମିରେ ବ୍ଲୁ ଫ୍ଲାଗ ବିଚ୍‌କୁ ବିରୋଧ କରି ବେଳାଭୂମିର କ୍ଷୁଦ୍ର ବ୍ୟବସାୟୀମାନେ ପ୍ରଶାସନ ଦ୍ୱାରା ଖୋଳାଯାଇଥିବା ଜାଗାକୁ ମଙ୍ଗଳବାର ପୋତୁଛନ୍ତି।



ଖୋର୍ଦ୍ଧା: ବୋଲଗଡ ବ୍ଲକ ସଁପୁର ଗ୍ରାମସ୍ଥିତ ଖେଳପଡିଆରେ ଅନୁଷ୍ଠିତ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବରେ ମଙ୍ଗଳବାର ଅତିଥିଙ୍କଠାରୁ ଚାମ୍ପିୟନ ଦଳ ଟ୍ରଫି ଗ୍ରହଣ କରୁଛି।





ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ମଙ୍ଗଳବାର ରବୀନ୍ଦ୍ରମଣ୍ଡପରେ ଆୟୋଜିତ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମାତୃ ପ୍ରସାଦ ଦାସ ଓଡ଼ିଶୀ ସଙ୍ଗୀତ ପରିବେଷଣ କରୁଛନ୍ତି।

**ଚିଲିକାରେ ପଶିଲେ ହାତୀପଲ**

ଖୋର୍ଦ୍ଧା ଅଫିସ/ଟାଙ୍ଗୀ (ଡି.ଏନ୍.ଏ.)- ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ସୋରଣ ମାନସିଂହପୁର ନିକଟ ଚିଲିକାରେ ମଙ୍ଗଳବାର ୧୧ଟି ହାତୀ ଥିବା ଏକ ପଲ ପଶିଥିଲା। ହାତୀପଲଙ୍କୁ ଦେଖି ମାଛ ମାରିବାକୁ ଯାଉଥିବା ମତ୍ସ୍ୟଜୀବୀ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ଟାଙ୍ଗୀ ବନ ବିଭାଗ ଟିମ୍ ଓ ସ୍ଥାନୀୟ ଗ୍ରାମବାସୀ ଚିଲିକା କୂଳରେ ପହଞ୍ଚି ହାତୀପଲଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ କରିଥିଲେ। ଲୋକ ଭିଡ ହେବାରୁ ହାତୀପଲ ସ୍ଥଳଭାଗକୁ ଆସି ଅଁଳାଡିହ ଛକଡିପୁର ଦେଇ ସୋରଣ ମାନସିଂହପୁର ନିକଟ ଜଙ୍ଗଲ ଅଭିମୁଖେ ପଳାଇଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୧।୧।୨୦୨୨

| | |
|---|---|
| ୨୪୦୦ଟଙ୍କା | |
| ସୁନା | ୨୨୦ ମିଲି ଗ୍ରାମ |
| ରୁପା | ମିଳିନାହିଁ |

## ଆଜି କ'ଣ କେଉଁଠି

ପୁରୀ

- ଭାରତ ବିକାଶ ପରିଷଦର ଜାତୀୟ ଯୁବ ଦିବସ ଓ ସ୍ୱାମୀ ବିବେକା ନନ୍ଦଙ୍କ ଜୟନ୍ତୀ ପାଳନ, ଦିଗବାରେଣୀ ଛକ, ସକାଳ ୭ଟା ୩୦।
- ରମକୃଷ୍ଣ ମିଶନ ଆଶ୍ରମରେ ଯୁବ ସମ୍ମିଳନୀ, ଆଶ୍ରମ ପରିସର, ସକାଳ ୯ଟା।
- ସେଣ୍ଟ ଜନ୍ ଆମ୍ବୁଲାନ୍ସ ଜଗନ୍ନାଥ ଧାମ ପୁରୀ ପକ୍ଷରୁ ରକ୍ତଦାନ ଶିବିର, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା ।

## ସଂକ୍ଷେପରେ

### ୧୬ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୨ ଗିରଫ

ପୁରୀ ଅଫିସ,୧୧।୧- ବ୍ରାଉନସୁଗାର ବେପାର କରୁଥିବା ୨ଜଣ ବେପାରୀଙ୍କୁ ଚନ୍ଦନପୁର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ପିପିଲି ଥାନା ପିପିଲି ଗ୍ରାମର କାର୍ତ୍ତିକ ଘୋଷ ଏବଂ ବଳଙ୍ଗା ଥାନା ଭାନପୁର ଗ୍ରାମର ସୁନୀଲ ଦାସ। ଅଭିଯୁକ୍ତଦ୍ୱୟଙ୍କଠାରୁ ପ୍ରାୟ ୧୬ଲକ୍ଷ ୫୦ହଜାର ଟଙ୍କାର ବ୍ରାଉନସୁଗାର ଜବତ କରାଯାଇଛି। ଏ ନେଇ ପୋଲିସ ମାମଲା(ନଂ.୧୩/୨୨) ରୁଜୁ କରିଥିବା ନେଇ ମଙ୍ଗଳବାର ପୁରୀ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି। ଚନ୍ଦନପୁର ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି ହେଉଥିଲା। ଖବରପାଇ ସଦର ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ ଏବଂ ଚନ୍ଦନପୁର ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଯାଇ ସେଠାରେ ଚଢ଼ାଉ କରିଥିଲେ। ଚଢ଼ାଉରେ ଅଭିଯୁକ୍ତଦ୍ୱୟଙ୍କୁ ଧରିବା ସହ ତାଙ୍କଠାରୁ ୧୬୫ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲେ। ଏଥିସହ ନଗଦ ୭,୫୭୦ ଟଙ୍କା, ୨ ମୋବାଇଲ ଫୋନ ଏବଂ ଗୋଟିଏ ବାଇକ୍ ପୋଲିସ ଜବତ କରିଛି।

### ଦେଢ଼ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ନିମାପଡ଼ା,୧୧।୧(ଡି.ଏନ୍.ଏ.)- ଏସ୍‌ପି ଡ.କନ୍ୱର ବିଶାଳ ସିଂଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ନିମାପଡ଼ା ଥାନା ଆଇଆଇସି ଶଙ୍କର୍ଷଣ ଦଲେଇଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ମଙ୍ଗଳବାର ନିମାପଡ଼ା ଥାନା ଅଞ୍ଚଳରେ ଚଢ଼ାଉ କରି ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ ଲମ୍ବିଲୋ ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାରଣା। ତାଙ୍କଠାରୁ ୧୨କେଜି ଗଞ୍ଜେଇ ଓ ନଗଦ ୮ହଜାର ଟଙ୍କା ଜବତ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ଏ ନେଇ ପୋଲିସ ମାମଲା(ନଂ.୧୨/୨୨) ରୁଜୁ କରିଛି। ଚଢ଼ାଉରେ ଏସ୍‌ଆଇ ପି.କେ. ଜୁଝାର ସିଂ, ମମତା ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

### ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ

କଣାସ, ୧୧।୧(ସ୍ୱ.ପ୍ର.)- ଆଞ୍ଚଳିକ କ୍ରୀଡ଼ା ଓ ସାଂସ୍କୃତିକ ପରିଷଦ ପକ୍ଷରୁ କଣାସ ବ୍ଲକ ଅନ୍ତର୍ଗତ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ୨ ଦିନିଆ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଶିକ୍ଷାବିତ୍ ମହେନ୍ଦ୍ର ରଣସିଂହ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ପ୍ରତିଯୋଗିତାରେ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଭାଗ ନେଇଛନ୍ତି। କଣାସ ପି.ଏସ୍. କ୍ୟାରିୟରର୍ ମୁଖ୍ୟ ଏହି ପ୍ରତିଯୋଗିତାକୁ ପରିଚାଳନା କରୁଛନ୍ତି।

# ସ୍ୱତନ୍ତ୍ର ପ୍ରକୋଷ୍ଠ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇନି

- ୟୁନିଫର୍ମ ପଲିସି ପ୍ରସଙ୍ଗ
- ୫ ହଜାରରୁ ଊର୍ଦ୍ଧ୍ୱ ଦରଖାସ୍ତ ପଡ଼ିରହିଛି

**ପୁରୀ ଅଫିସ,୧୧।୧:**

ପୁରୀ ସହରରେ ୟୁନିଫର୍ମ ପଲିସିକୁ ନେଇ ଦାବି ଜୋର ଧରିଛି। ସାଧାରଣରେ ଲୋକେ ମହାପ୍ରଭୁଙ୍କ ଜମିର ମାଲିକାନା ନେବା ପାଇଁ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଦାବି କରୁଥିଲେ ମଧ୍ୟ ସରକାର ଏଥିପ୍ରତି ଧ୍ୟାନ ଦେଉ ନାହାନ୍ତି। ମହାପ୍ରଭୁଙ୍କ ସମ୍ପତ୍ତି ଉପରେ ବାସଗୃହ କରି ବର୍ଷ ବର୍ଷ ଧରି ରହୁଥିବା ଲୋକେ ସମ୍ପୃକ୍ତ ଜମିକୁ ବିଭିନ୍ନ ମଠଠାରୁ କିଣିଥିଲେ। ଏବେ ଜମିର ମାଲିକାନା ନ ମିଳିବା ହେତୁ ଜମି ବନ୍ଧକ କିମ୍ବା ବିକ୍ରି ହୋଇପାରୁ ନାହିଁ। ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପୂର୍ବରୁ ୟୁନିଫର୍ମ ଓ ୟୁନିଫାଏଡ୍ ଭଳି ପଲିସି ଆସିସାରିଛି। ମାତ୍ର ବଜାର ଦର ଲକ୍ଷ ଲକ୍ଷ ଟଙ୍କା ଦେଇ ଜମି କିଣିବାକୁ କୁହାଯାଉଥିବା ହେତୁ ଲୋକେ ଜମି କିଣିବାକୁ ରାଜି ନ ହେବା ହେତୁ ଏହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ସେହିଭଳି ଶ୍ରୀମନ୍ଦିର ପ୍ରଶାସନ ଜମି କିଣାବିକା ପାଇଁ ନିଜ ଆଡୁ କୌଣସି ପ୍ରକାର ଉଦ୍ୟମ କରୁନାହିଁ ବୋଲି ଅଭିଯୋଗ ହୋଇଛି।

ଜମି କିଣାବିକା ସମ୍ପର୍କିତ ବ୍ୟାପାର ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟି ୨୦୨୦ ନଭେମ୍ବର ୧୭ରେ ଏକ ନିଷ୍ପତ୍ତି ନେଇଥିଲେ। ନିଷ୍ପତ୍ତି ଏହା ଥିଲା ଯେ, ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ ଗଠନ ହେବ। ଜଣେ ବରିଷ୍ଠ ପ୍ରଶାସନିକ ଓଡ଼ିଶା ସେବା ଅଧିକାରୀ ଏହାର ମୁଖ୍ୟ ଭାବେ କାର୍ଯ୍ୟ ସମ୍ପାଦନ କରିବେ। ବକେୟା ଥିବା ଦରଖାସ୍ତକୁ ତର୍ଜମା କରାଯିବ ଓ ଏ ନେଇ ଆନୁଷଙ୍ଗିକ ନିଷ୍ପତ୍ତି ନିଆଯିବ। ମାତ୍ର ଏସବୁ କେବଳ ନିଷ୍ପତ୍ତି ହୋଇ ସୀମିତ ରହିଗଲା। ବାସ୍ତବରେ ଏଭଳି କୌଣସି ପ୍ରକୋଷ୍ଠକୁ କାର୍ଯ୍ୟକ୍ଷମ କରାଗଲା ନାହିଁ। ଫଳରେ ସାଧାରଣ ଲୋକଙ୍କ ଦରଖାସ୍ତ ଶ୍ରୀମନ୍ଦିର ଅଫିସରେ ପଡ଼ିରହିଲା। ଏ ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରିଲା ନାହିଁ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର ଦରଖାସ୍ତର ତୁରନ୍ତ ଶୁଣାଣି ପାଇଁ ଏଭଳି ନିଷ୍ପତ୍ତି ନେଇଥିଲେ ମଧ୍ୟ ଏହା କାହିଁକି କାର୍ଯ୍ୟକ୍ଷମ ହୋଇପାରୁ ନାହିଁ ସେନେଇ ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ସ୍ୱତନ୍ତ୍ର ପ୍ରକୋଷ୍ଠ ଗଠନ ନେଇ ନିଷ୍ପତ୍ତି ହୋଇଥିଲା। ମାତ୍ର ଏହା କାର୍ଯ୍ୟକାରୀ ହୋଇପାରି ନାହିଁ। ଏଣୁ ସ୍ୱତନ୍ତ୍ର ପ୍ରକୋଷ୍ଠ ଗଠନ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଅପିଲ୍ କରୁଛୁ। ସେହିଭଳି ମହାପ୍ରଭୁଙ୍କ ସମ୍ପତ୍ତି ଦଖଲରେ ଥିବା ମାଲିକ ଭଗବାନ ନାୟକଙ୍କ କହିବା ଅନୁଯାୟୀ, ସ୍ୱତନ୍ତ୍ର ପ୍ରକୋଷ୍ଠ କରି ଅଭିଯୋଗର ଶୁଣାଣି ହେବା ଦରକାର। ମଠଠାରୁ ସମ୍ପତ୍ତି କିଣିବା ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲାଣି। ଏଣୁ ଏକ ଠିକ୍ ଦର ନିର୍ଦ୍ଧାରଣ କରି ସରକାର ଜମିର ମାଲିକାନା ପ୍ରଦାନ କରନ୍ତୁ। ଅନ୍ୟପକ୍ଷରେ ଭିଟାମାଟି ଅଧିକାର ମଞ୍ଚର ଆବାହକ ଶ୍ରୀକାନ୍ତ ପରିଜା କହିଛନ୍ତି, ୨୦୦୩ ୟୁନିଫର୍ମ ପଲିସି ମାଧ୍ୟମରେ ୧୮୯ଜଣ ବ୍ୟକ୍ତିଙ୍କୁ ମାଲିକାନା ପ୍ରଦାନ କରାଯାଇଛି। ମାତ୍ର ୫ ହଜାରରୁ ଊର୍ଦ୍ଧ୍ୱ ଲୋକେ ମାଲିକାନା ନେବା ପାଇଁ ଦରଖାସ୍ତ ଦେଇଥିବା ବେଳେ ଏହାର ଶୁଣାଣି ହୋଇ ନାହିଁ। ସ୍ୱତନ୍ତ୍ର ପ୍ରକୋଷ୍ଠ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଇ ଶୁଣାଣି ହେଉ।

## ଝଲସିଲା ସୂର୍ଯ୍ୟମନ୍ଦିର



କୋଣାର୍କ ସୂର୍ଯ୍ୟମନ୍ଦିରରେ ମଙ୍ଗଳବାର ଆରମ୍ଭ ହୋଇଥିବା ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'କୁ ପର୍ଯ୍ୟଟକମାନେ ବସି ଦେଖୁଛନ୍ତି।

# ସୂର୍ଯ୍ୟମନ୍ଦିରରେ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ ଆରମ୍ଭ

**୫୨ଜଣ ପର୍ଯ୍ୟଟକ ଦେଖିଲେ**

**କୋଣାର୍କ,୧୧।୧(ଡି.ଏନ୍.ଏ.)**

କୋଣାର୍କର ସୂର୍ଯ୍ୟମନ୍ଦିରର ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ ମଙ୍ଗଳବାର ସନ୍ଧ୍ୟାରୁ ଆରମ୍ଭ ହୋଇଯାଇଛି। କରୋନା କଟକଣା ଯୋଗୁ ଗତ ୧୦ମାସ ହେଲା ବନ୍ଦ ରହିଥିଲା ଏହି ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ। ଏବେ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ସୂର୍ଯ୍ୟମନ୍ଦିର ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ ଚାଲିବ। ପ୍ରଥମ ଦିନରେ ୫୨ଜଣ ପର୍ଯ୍ୟଟକ ଏହି ଶୋ ଦେଖିଥିଲେ। କାରୁକାର୍ଯ୍ୟରେ ପରିପୂର୍ଣ୍ଣ ପଥର ଦେହରେ ବିଭିନ୍ନ ଐତିହାସିକ କଥାକୁ ରଙ୍ଗିନ ଆଲୁଅର ଛବି ଦେଖିବାକୁ ମିଳିବ। ରାମଚଣ୍ଡୀ ମୁହାଣରେ ଇକୋ ରିଟ୍ରିଟର ତୃତୀୟ ସଂସ୍କରଣକୁ ଦୃଷ୍ଟିରେ ରଖି ଏହି ଶୋ ଚାଲିବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ଲାଇଟ ଆଣ୍ଡ ସାଉଣ୍ଡ ଶୋ ନିମନ୍ତେ ଟିକେଟ ମୂଲ୍ୟ ୫୦ଟଙ୍କା ରଖାଯାଇଛି। ଦୈନିକ ୧୦୦ ପର୍ଯ୍ୟଟକଙ୍କୁ ଅନୁମତି ମିଳିବ। ସନ୍ଧ୍ୟା ୬ଟା ୩୦ରୁ ଏହି ଶୋ ଆରମ୍ଭ ହୋଇ ୪୦ମିନିଟ ପର୍ଯ୍ୟନ୍ତ ଚାଲିବ। ଅତ୍ୟାଧୁନିକ ପ୍ରୋଜେକ୍ଟର ସାହାଯ୍ୟରେ ମୁଖଶାଳା ଓ ନାଟ୍ୟ ମନ୍ଦିରରେ ଚିତ୍ତାକର୍ଷକ କାହାଣୀ ଇଂଲିଶ୍, ହିନ୍ଦୀ ଓ ଓଡ଼ିଆ ଭାଷାରେ ଶୁଣିବାକୁ ମିଳିବ। ଏଥିରେ ସୂର୍ଯ୍ୟମନ୍ଦିର ଐତିହ୍ୟ ସମ୍ପର୍କରେ ୪୦ମିନିଟର ତଥ୍ୟଭିତ୍ତିକ ବିବରଣୀ ରହିଛି।

# ସହରରେ ସଂକ୍ରମିତ ଶହେ ଟପିଲା

**ପୁରୀ ଅଫିସ,୧୧।୧:**

ଗତ ୨୪ ଘଣ୍ଟାରେ ପୁରୀ ଜିଲାରେ କରୋନା ସଂକ୍ରମଣ ୧୫୬ରେ ପହଞ୍ଚିଛି। ସେଥିମଧ୍ୟରୁ କେବଳ ପୁରୀ ସହରରୁ ଶହେ ଜଣ ସଂକ୍ରମିତ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହାବ୍ୟତୀତ ଅସ୍ତରଙ୍ଗରୁ ୩ ଜଣ, ବ୍ରହ୍ମଗିରିରୁ ୩, ଡେଲାଙ୍ଗରୁ ୨, ଗୋପରୁ ୬, କାକଟପୁରରୁ ୪, କଣାସରୁ ୨, ନିମାପଡ଼ାରୁ ୪, ନିମାପଡ଼ା ସହରାଞ୍ଚଳରୁ ୨, ପିପିଲିରୁ ୨ ଓ ପିପିଲି ସହରାଞ୍ଚଳରୁ ୨ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିଭଳି ପୁରୀ ସଦରରୁ ୧୪ ଜଣ, ସତ୍ୟବାଦୀରୁ ୭, କଟକ ଓ ଖୋର୍ଦ୍ଧାରୁ ଆସିଥିବା ପର୍ଯ୍ୟଟକଙ୍କ ଜଣେ ଲେଖାଏଁ ଓ ହିମାଚଳପ୍ରଦେଶରୁ ୩ଜଣ ସଂକ୍ରମିତ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଜିଲା ପ୍ରଶାସନ ହୋଟେଲ ମାଲିକମାନଙ୍କୁ କୋଭିଡ୍ ପ୍ରୋଟୋକଲ୍ ମାନିବାକୁ କହୁଥିଲେ ମଧ୍ୟ କେହି ମାନୁ ନ ଥିବା ଦେଖିବାକୁ ମିଳିଛି। ବିନା ଡବଲ୍ ଡୋଜ୍ ଭାକ୍ସିନେଶନ୍ ଓ କୋଭିଡ୍ ଟେଷ୍ଟରେ ପର୍ଯ୍ୟଟକଙ୍କୁ ହୋଟେଲରେ ରଖୁଛନ୍ତି। ପୂର୍ବ ଲହରରେ ଯେଉଁଭଳି ଲୋକେ ଆରଟି-ପିସିଆର୍ ନେଗେଟିଭ୍ ରିପୋର୍ଟ କିମ୍ବା ଭାକ୍ସିନେଶନ୍ ସାର୍ଟିଫିକେଟ୍ ଦେଖାଇ ହୋଟେଲରେ ରହିପାରୁଥିଲେ, ସେଭଳି ବ୍ୟବସ୍ଥା କରିବାକୁ ଆଇନଜୀବୀ ଚିନ୍ମୟ ଦାଶ କହିଛନ୍ତି। ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମାକୁ ପାଳନ କରାଯିବା ସହ ହୋଟେଲଗୁଡ଼ିକ ଉପରେ ନଜର ରଖାଯାଇଛି।

# ବ୍ଲୁ ଫ୍ଲାଗ୍ ବିଚ୍ ବିରୋଧରେ ଚାଲିଥିବା ଧାରଣା ସ୍ଥଗିତ

**ପୁରୀ ଅଫିସ,୧୧।୧**

ଚକ୍ରତୀର୍ଥ ବେଳାଭୂମିରେ ସରକାରଙ୍କ ପକ୍ଷରୁ ହେବାକୁ ଥିବା ଦ୍ୱିତୀୟ ବ୍ଲୁ ଫ୍ଲାଗ୍ ବିଚକୁ ବିରୋଧ କରି ପୁରୀ ବେଳାଭୂମି ସୁରକ୍ଷା ସମିତି ପକ୍ଷରୁ ୨୬ ଦିନ ଧରି ବେଳାଭୂମିରେ କରାଯାଉଥିବା ଗଣଧାରଣା ଓ ଅହୋରାତ୍ର ଆନ୍ଦୋଳନକୁ ମଙ୍ଗଳବାର ସ୍ଥଗିତ ରଖାଯାଇଛି। କିନ୍ତୁ ପ୍ରତିଦିନ ୫ଜଣ ସଦସ୍ୟ ସତର୍କ ପ୍ରହରୀ ଭଳି ବେଳାଭୂମିକୁ ଜଗି ରହିବେ ବୋଲି ବେଳାଭୂମି ସୁରକ୍ଷା ସମିତି ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ସୂଚନା ଦେଇଛନ୍ତି। ପଟ୍ଟନାୟକଙ୍କ ଅଭିଯୋଗ ଅନୁଯାୟୀ, ବେଳାଭୂମିରେ ବୁଲା ଓ ଉଠା ବ୍ୟବସାୟ କରି ପେଟ ପୋଷୁଥିବା ବ୍ୟବସାୟୀଙ୍କୁ ବିନା ଥଇଥାନରେ ପ୍ରଶାସନ ବେଳାଭୂମିରେ ଗୋଟିଏ ପରେ ଗୋଟିଏ ଜାଗାରେ ବ୍ୟବସାୟ କରିବାକୁ ବାରଣ କରି ବ୍ଲୁ ଫ୍ଲାଗ ବିଚ୍ ନିର୍ମାଣ କରିବାକୁ ଚେଷ୍ଟା କରୁଛି। ଏହାକୁ ବିରୋଧ କରି ଗତ ୨୬ଦିନ ହେବ ଏହି କ୍ଷୁଦ୍ର ବ୍ୟବସାୟୀମାନେ ଅହୋରାତ୍ର ଧାରଣାରେ ବସିଛନ୍ତି। ହେଲେ ପ୍ରଶାସନ ଦାବି ଶୁଣିଲା ନାହିଁ। ତେବେ ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ଲାଗୁ ହେବା କାରଣରୁ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟ କରାଯାଇପାରିବ ନାହିଁ। ତେଣୁ ଆନ୍ଦୋଳନକୁ କିଛି ଦିନ ପାଇଁ ବ୍ୟବସାୟୀ ସଂଘ ସ୍ଥଗିତ କରିଛି। ଯଦି ନିର୍ମାଣ କାର୍ଯ୍ୟ ଆରମ୍ଭ ପୁଣି ଆନ୍ଦୋଳନ ଜାରି ରହିବ ବୋଲି ପଟ୍ଟନାୟକ କହିଛନ୍ତି। ମହାସଂଘ ପକ୍ଷରୁ ନିର୍ମାଣ ପାଇଁ ଖୋଳାଯାଇଥିବା ବାଲିକୁ ପୋତି ଦେଇ ଆନ୍ଦୋଳନକୁ ସ୍ଥଗିତ ରଖିଛି।

## ସିଫା, କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏମ୍‌ଓୟୁ

**ବାଲକାଟୀ/ପିପିଲି, ୧୧।୧ (ଡି.ଏନ୍.ଏ.)**

ଆଇସିଏଆର୍- ସିଫା ଓ କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସୋମବାର ସ୍ୱାକ୍ଷରିତ ହୋଇଯାଇଛି। ବିଜ୍ଞାନ ପ୍ରୟୋଗଶାଳାରୁ କୃଷକଙ୍କ ଜମି ପର୍ଯ୍ୟନ୍ତ ବୈଷୟିକ ଶିକ୍ଷା ଓ ସମ୍ପ୍ରସାରଣ କ୍ଷେତ୍ରରେ ବୈଜ୍ଞାନିକ ଜ୍ଞାନକୌଶଳର ପ୍ରୟୋଗ ପାଇଁ ଉଦ୍ଦିଷ୍ଟ ଉକ୍ତ ବୁଝାମଣାପତ୍ରର କାର୍ଯ୍ୟକ୍ରମ ସିଫାର ନିର୍ଦ୍ଦେଶକ ଡ. ସରୋଜ ସ୍ୱାଇଁଙ୍କ ନେତୃତ୍ୱରେ ହୋଇଥିଲା। ଏଥିରେ ପିଏମ୍‌ଇ ସେଲ୍‌ର ଭାରପ୍ରାପ୍ତ ଅଧିକାରୀ ଡ. ପ୍ରମୋଦ ସାହୁ, ଛାତ୍ର ସମିତିର ଅଧ୍ୟକ୍ଷ ଡ.ମୃଣାଳ ସାମନ୍ତ, ମୁଖ୍ୟ ପ୍ରଶାସନିକ ଅଧିକାରୀ ବି.କେ. ସିହ୍ନା, ବରିଷ୍ଠ ପ୍ରଶାସନିକ ଅଧିକାରୀ ଆଇ.ବି.କୁମାର ପ୍ରମୁଖ ଉପସ୍ଥିତ ଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ସସ୍ମିତା ସାମନ୍ତ, ବିଭିନ୍ନ ବିଦ୍ୟାଳୟର ଡିନ୍ ଏବଂ ବିଭାଗୀୟ ମୁଖ୍ୟ ପ୍ରମୁଖ ସାମିଲ ଥିଲେ। କିଟ୍ ଓ ସିଫା ମଧ୍ୟରେ ସ୍ୱାକ୍ଷରିତ ବୁଝାମଣାପତ୍ର ଦ୍ୱାରା ଓଡ଼ିଶା ଏବଂ ଓଡ଼ିଶା ବାହାରର କୃଷକ ଓ ଉଦ୍ୟୋଗୀଙ୍କ ସମସ୍ୟା ସମାଧାନ ସହଜ ହୋଇପାରିବ ବୋଲି ସିଫା ନିର୍ଦ୍ଦେଶକ କହିଥିଲେ।

## ଏସ୍‌ସିଏସ୍ କଲେଜ ଡିବିଟି ଷ୍ଟାର କଲେଜ ଅନୁଦାନ ପାଇଁ ମନୋନୀତ

**ପୁରୀ ଅଫିସ,୧୧।୧**

ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ଆନୁକୂଲ୍ୟରେ ଥିବା ଜୈବ ପ୍ରଯୁକ୍ତି ବିଦ୍ୟା ବିଭାଗ (ଡି.ବି.ଟି.), ସ୍ନାତକ ସ୍ତରରେ ଜୀବ ବିଜ୍ଞାନ ଓ ଜୈବ ପ୍ରଯୁକ୍ତି ବିଜ୍ଞାନରେ ଶିକ୍ଷା ଓ ପ୍ରଶିକ୍ଷଣ ନିମନ୍ତେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ(ଏସ୍‌ସିଏସ୍), ପୁରୀକୁ ଷ୍ଟାର କଲେଜ ଯୋଜନା ମାଧ୍ୟମରେ ଆର୍ଥିକ ଅନୁଦାନ ପ୍ରଦାନ କରିଛି। ଷ୍ଟାର କଲେଜ ଅନୁଦାନ ପ୍ରଦାନ କରିବାପାଇଁ ଡି.ବି.ଟି., ୨୦୨୦ ମସିହାରେ ପାଇଥିବା ସମସ୍ତ ଆବେଦନ ପତ୍ର ମଧ୍ୟରୁ ଜାତୀୟ ସ୍ତରରେ ମାତ୍ର ୧୮ଟି ଶିକ୍ଷାନୁଷ୍ଠାନକୁ ଯୋଗ୍ୟ ବିବେଚିତ କରିଥିଲେ। ସେଥିମଧ୍ୟରୁ ଏସ୍‌ସିଏସ୍ କଲେଜ ପୁରୀ ସମଗ୍ର ପୂର୍ବ ଭାରତରେ ପ୍ରଥମ ସରକାରୀ ମହାବିଦ୍ୟାଳୟ ହିସାବରେ ଏହି ଅନୁଦାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁଜାତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଷ୍ଟାର କଲେଜ ସଂଯୋଜକ ତଥା ଅଧ୍ୟାପକ ଡ. ଦେବଦାସ ସାହୁ, ଡ. ଗୌରୀଶଙ୍କର ମଲ୍ଲିକ, ଅକ୍ଷୟ ଓଝା ଏବଂ ଅଧ୍ୟାପକ ଡ. ଗୁରୁଚରଣ ନାୟକ ଯୋଗଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦିଲୀପ



@ ସତ୍ୟଜିତ୍



@ ଆଲିସା



@ ମିନତି



@ ସିଦ୍ଧାନ୍ତ



@ ପ୍ରେମ୍

## ମୁମ୍ବାଇରେ ଆୟୁଷ୍ମାନଙ୍କ ୧୯ କୋଟିର ବଙ୍ଗଳା



**ମୁମ୍ବାଇ:** ବଲିଉଡ୍‌ର ସଫଳ ଅଭିନେତା ଆୟୁଷ୍ମାନ ଖୁରାନାଙ୍କ ଅଭିନୟ କ୍ୟାରିୟରକୁ ୧୮ ବର୍ଷ ପୂରିଛି। ସେ ଏବେ ୩୭ ବର୍ଷ ବୟସରେ ପଦାର୍ପଣ ରହିଥିବାବେଳେ ପରିବାର ପାଇଁ ମୁମ୍ବାଇରେ ଏକ ବିଳାସପୂର୍ଣ୍ଣ ବଙ୍ଗଳା କିଣିଛନ୍ତି। ଏହାର ମୂଲ୍ୟ ୧୯ କୋଟି ଟଙ୍କା ରହିଛି। ଏଥିରେ ୪ କୋଟିର ପାର୍କିଂ ପ୍ଲଟ୍ ରହିଛି। ମୁମ୍ବାଇର ଅନ୍ଧେରୀ ୱେଷ୍ଟର ଲୋଖଣ୍ଡୱାଲା କମ୍ପ୍ଲେକ୍ସର ହାଉସିଂ କମ୍ପ୍ଲେକ୍ସର ୱିଣ୍ଡୋ ଗ୍ରାଣ୍ଡ ରେସିଡେନ୍ସିରେ ରହିବା ପାଇଁ ଗତ ବର୍ଷ ୨୯ ନଭେମ୍ବରରୁ ସେ ଡିଲ୍ ଫାଇନାଲ କରିଥିଲେ। ଏହି ବିଲ୍ଡିଂରେ କ୍ୟାଟ୍ରିନା କୈଫ ଏବଂ ବିକି କୌଶଲ, ଅନୁଷ୍କା ଶର୍ମା ଏବଂ ବିରାଟ କୋହଲି ମଧ୍ୟ ଘର ନେଇଛନ୍ତି।



ପୁରୀ ବେଳାଭୂମିରେ ବ୍ଲୁ ଫ୍ଲାଗ ବିଚ୍‌କୁ ବିରୋଧ କରି ବେଳାଭୂମିର କ୍ଷୁଦ୍ର ବ୍ୟବସାୟୀମାନେ ପ୍ରଶାସନ ଦ୍ୱାରା ଖୋଳାଯାଇଥିବା ଜାଗାକୁ ମଙ୍ଗଳବାର ପୋତୁଛନ୍ତି।



ଖୋର୍ଦ୍ଧା: ବୋଲଗଡ ବ୍ଲକ ସଁପୁର ଗ୍ରାମସ୍ଥିତ ଖେଳପଡିଆରେ ଅନୁଷ୍ଠିତ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବରେ ମଙ୍ଗଳବାର ଅତିଥିଙ୍କଠାରୁ ଚାମ୍ପିୟନ ଦଳ ଟ୍ରଫି ଗ୍ରହଣ କରୁଛି।




ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ମଙ୍ଗଳବାର ରବୀନ୍ଦ୍ରମଣ୍ଡପରେ ଆୟୋଜିତ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମାତୃ ପ୍ରସାଦ ଦାସ ଓଡ଼ିଶୀ ସଙ୍ଗୀତ ପରିବେଷଣ କରୁଛନ୍ତି।

## ଆଜି କ'ଣ କେଉଁଠି

**କଟକ**

- ମିହିର ଦାସଙ୍କୁ ଗାର୍ଡ ଅଫ ଅନର, ସତିଚୌରା ଶ୍ମଶାନ, ସକାଳ ୯ଟା ।
- ଭାଜପାର ଦିନକିଆ ଜିଲା କାର୍ଯ୍ୟକାରିଣୀ ବୈଠକ ଓ ପ୍ରଶିକ୍ଷଣ ଶିବିର, ସିଡିଏ ୱିଣ୍ଡସୋର ପ୍ଲେସ, ପୂର୍ବାହ୍ନ ୧୦ଟା ୩୦ ।
- ମା' ଧାକୁଲେଇ ଫୁଟବଲ ଆସୋସିଏଶନ ପକ୍ଷରୁ ୫ ଦିବସୀୟ ଫୁଟବଲ ମ୍ୟାଚର ଉଦ୍‌ଘାଟନ, ପ୍ରତାପ ନଗରୀ, ମଧ୍ୟାହ୍ନ ୧୨ଟା ।

## ଚିପ୍ସ ବୋଝେଇ ହାଇୱା ଓଲଟି ଚାଳକ ମୃତ

**ଆଠଗଡ,୧୧।୧(ସ୍ୱ.ପ୍ର.):** ଆଠଗଡ଼ ଥାନା ଅନ୍ତର୍ଗତ ମେଘା ଗ୍ରାମର ଗଡାଣିଠାରେ ମଙ୍ଗଳବାର ଭାରସାମ୍ୟ ହରାଇ ଏକ ଚିପ୍ସ ବୋଝେଇ ହାଇୱା ଓଲଟି ପଡ଼ିଛି। ଫଳରେ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଡ଼ମ୍ବା ଥାନା ଜାନିପଦର ପଞ୍ଚାୟତ ଦାଶରଥିପୁର ଗ୍ରାମର ତ୍ରିଲୋଚନ ରଣାଙ୍କ ପୁଅ ବିଭୂତି ଭୂଷଣ ରଣା। ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ତାଙ୍କୁ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ବିଭୂତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ବଜ୍ରକାପ୍ତା ଶାବକ ମୃତ

**ବାରଙ୍ଗ,୧୧।୧(ଡି.ଏନ୍.ଏ.):** ନନ୍ଦନକାନନର ବଜ୍ରକାପ୍ତା ପ୍ରଜନନ କେନ୍ଦ୍ରରେ ଏକ ବଜ୍ରକାପ୍ତା ଶାବକର ମୃତ୍ୟୁ ହୋଇଛି। ମୃତ ଶାବକଟି ରବିବାର ଜନ୍ମ ହୋଇଥିଲା। ମୃତ୍ୟୁର କାରଣ ଜାଣିବା ପାଇଁ କର୍ତ୍ତୃପକ୍ଷ ବଜ୍ରକାପ୍ତାଟିର ଶବ ବ୍ୟବଚ୍ଛେଦ କରିଛନ୍ତି। ସଂକ୍ରମିତ ପାଇଁ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ନୟାଗଡ଼ ଜିଲା ଗଣିଆରେଞ୍ଜରୁ ଏକ ଅସୁସ୍ଥ ଚିତ୍ରାହରିଣକୁ ବନ ବିଭାଗ ଚିକିତ୍ସା ପାଇଁ ମଙ୍ଗଳବାର ନନ୍ଦନକାନନକୁ ପଠାଇଛି। ହରିଣର ଡାହାଣପଟ ପଛ ଗୋଡ଼ ଖୁରା ଉପରୁ ଭାଙ୍ଗି ଯାଇଛି। ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସାଳୟରେ ବନ୍ୟପ୍ରାଣୀ ଚିକିତ୍ସକମାନେ ହରିଣର ଗୋଡ ଅସ୍ତ୍ରୋପଚାର କରିଛନ୍ତି।

## ବିଏଏମ୍‌ଏସ୍ ପାଠ୍ୟକ୍ରମ ନାମଲେଖା ପ୍ରକ୍ରିୟା ଆରମ୍ଭ

**ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ**

**କଟକ ଅଫିସ,୧୧।୧:** ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଆୟୁର୍ବିଜ୍ଞାନ ଏବଂ ଅନୁସନ୍ଧାନ ଭେଷଜ ମହାବିଦ୍ୟାଳୟରେ ୨୦୨୧-୨୨ ଶିକ୍ଷାବର୍ଷରୁ ବ୍ୟାଚ୍‌ଲର ଅଫ୍ ଆୟୁର୍ବେଦ ମେଡିସିନ ଆଣ୍ଡ୍ ସର୍ଜରି (ବିଏଏମ୍‌ଏସ୍) ପାଠ୍ୟକ୍ରମ ଆରମ୍ଭ ହେବ। ଆୟୁର୍ବେଦିକ ଔଷଧରେ ସାଢେ ୫ ବର୍ଷ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଆୟୁଷ ମନ୍ତ୍ରଣାଳୟ ଅଧୀନ ନ୍ୟାଶନାଲ କମିଶନ ଫର ଇଣ୍ଡିଆନ ସିଷ୍ଟମ ଅଫ ମେଡିସିନ (ଏନ୍‌ସିଆଇଏସ୍‌ଏମ୍)ରୁ ଆବଶ୍ୟକ ଅନୁମତି ମିଳିସାରିଛି। ବର୍ତ୍ତମାନ ୬୦ ସିଟ୍‌ରେ ବିଏଏମ୍‌ଏସ୍ ପାଠ୍ୟକ୍ରମ ଆରମ୍ଭ ହେବ। ପର୍ଯ୍ୟାୟକ୍ରମେ ଉକ୍ତ ସିଟ୍ ୧୦୦କୁ ସମ୍ପ୍ରସାରିତ କରାଯିବ ବୋଲି ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅଜୟ କୁମାର ସିଂ ଯୋଗଦେଇ ଏହା କହିଛନ୍ତି। ୨୦୨୧-୨୨ର ପ୍ରଥମ ବ୍ୟାଚ୍ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ୍)ରେ ଅନ୍ୟୂନ ୧୩୮ ନମ୍ବର ରଖିବା ଆବଶ୍ୟକ। ଏହି ସମ୍ମିଳନୀରେ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ବି. ଆର୍. ଶର୍ମା, ଆୟୁର୍ବିଜ୍ଞାନ ଏବଂ ଅନୁସନ୍ଧାନ ଭେଷଜ ମହାବିଦ୍ୟାଳୟର ଡିନ୍ ପ୍ରଫେସର ପି.କେ. ପଣ୍ଡା, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ଦୁର୍ଗା ପ୍ରସାଦ ଦାଶ, ଲୋକ ସମ୍ପର୍କ ମୁଖ୍ୟ ଡ. ବିଜୟଲକ୍ଷ୍ମୀ ମହାନ୍ତି ଓ ସିଏଓ ଡ. ସନ୍ଧ୍ୟା ସାଦନା ଉପସ୍ଥିତ ଥିଲେ।

# ଜିଲାରେ ୫୦୦ ମୁହାଁ କରୋନା ସଂକ୍ରମଣ

- ମାନୁନାହାନ୍ତି କଟକଣା
- ସିଏମ୍‌ସିର ଚଢ଼ାଉ



**କଟକ ଅଫିସ, ୧୧।୧**

କଟକ ଜିଲାରେ କରୋନା ସଂକ୍ରମଣ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଏହାକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯିବା ସହ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା, ଜରୁରୀ କାମ ନ ଥିଲେ ବାହାରକୁ ନ ବାହାରିବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି। ହେଲେ ଲୋକମାନେ କଟକଣା ନ ମାନିବା ଦ୍ୱାରା ଏବେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହା କଟକ ମହାନଗର ନିଗମ (ସିଏମ୍‌ସି) ପାଇଁ ଚିନ୍ତାର ବିଷୟ ହୋଇଛି।

ମଙ୍ଗଳବାର ଜିଲାରୁ ୪୭୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପ୍ରତିଦିନ ଜିଲାରେ ପାଖାପାଖି ୧୦୦ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ସଂକ୍ରମଣ ୫୦୦ ମୁହାଁ ହୋଇଛି। ତେବେ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ଆଠଗଡ଼ ଓ ଚୌଦ୍ୱାରରୁ ୧୨, ନିଆଳିରୁ ୧୦, ବଡମ୍ବା ଓ କଟକ ସଦର ୨, ମାହାଙ୍ଗା, ନରସିଂହପୁର, ନିଶ୍ଚିନ୍ତକୋଇଲି ଓ ବାଙ୍କୀରୁ ୪, ବାରଙ୍ଗରୁ ୭, ସାଲେପୁର, କଣ୍ଟାପଡା ଓ ଟାଙ୍ଗୀରୁ ୬, ତିଗିରିଆରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କଟକ ସହରରୁ ସର୍ବାଧିକ ୩୯୨ ଜଣ ଆକ୍ରାନ୍ତ ରହିଛନ୍ତି। ସେଥିମଧ୍ୟରେ ବକ୍ସିବଜାରରୁ ୨୮, ସିଡିଏ ସେକ୍ଟର-୬ରୁ ୨୬, ସେକ୍ଟର-୭ରୁ ୧୫, ମହାନଦୀବିହାରରୁ ୧୪ ଆକ୍ରାନ୍ତ ଅଛନ୍ତି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ଇନ୍‌ଷ୍ଟିଚ୍ୟୁଶନାଲ ସଙ୍ଗରୋଧରୁ ୨୮, ଗୃହ ସଙ୍ଗରୋଧରୁ ୧୮୨ ଓ ସ୍ଥାନୀୟ ସଂକ୍ରମିତ ୧୮୨ ଜଣ ଅଛନ୍ତି। ସହରରେ ସୋମବାର ଆକ୍ରାନ୍ତଙ୍କ ସଂଖ୍ୟା ୩୦୦ ଅତିକ୍ରମ କରିଥିବାବେଳେ ଏବେ ତାହା ୪୦୦ ମୁହାଁ ହୋଇଛି। ଶନିବାର ଆକ୍ରାନ୍ତଙ୍କ ସଂଖ୍ୟା ୨୬୨ ଥିବାବେଳେ ରବିବାର ୨୨୭ ଓ ସୋମବାର ୩୦୧ ଥିଲା।

କରୋନା ସଂକ୍ରମଣ ଉପରେ ରୋକ୍ ଲଗାଇବା ଓ ଅମାନିଆଙ୍କୁ ସାବାଡ କରିବା ପାଇଁ ସିଏମ୍‌ସି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସିଏମ୍‌ସି ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। କୋଭିଡ୍ ଗାଇଡ୍‌ଲାଇନ୍ ଉଲ୍ଲଂଘନ କରିବା ଅଭିଯୋଗରେ ଲୋକମାନଙ୍କଠାରୁ ୨୬,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ସିଏମ୍‌ସି ପକ୍ଷରୁ କୁହାଯାଇଛି।

## ପୋଲିସ ପକ୍ଷରୁ ଚଢ଼ାଉ: ଜରିମାନା ଆଦାୟ

**ଖୁଣ୍ଟୁଣୀ,୧୧।୧(ଡି.ଏନ୍.ଏ.)**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କଟକଣା ଜାରି କରାଯାଇଛି। ହେଲେ ଏହାକୁ ଲୋକେ ନ ମାନିବାରୁ ଖୁଣ୍ଟୁଣୀ ଓ ଗୁରୁଡିଝାଟିଆ ପୋଲିସ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ମଙ୍ଗଳବାର ଉଭୟ ଥାନା ଆଇଆଇସି, ଏସ୍‌ଆଇଙ୍କ ସମେତ ଅନ୍ୟ କର୍ମଚାରୀମାନେ ଅଚାନକ ଖୁଣ୍ଟୁଣୀ ବଜାର, ଗୋଲେଇ ଛକ, ଥାନା ଛକ, ଷ୍ଟେଶନରୋଡ, ଘଣ୍ଟିଖାଲ, ରାଧାକିଶୋରପୁର, ବାଲୀ, ଗୁରୁଡିଝାଟିଆ ବଜାର, ଓରନ୍ଦା, କପୁରସିଂ ମଧ୍ୟରେ ଥିବା ଦୋକାନ ଏବଂ ଢାବାରେ ଚଢାଉ କରି ମାସ୍କ ପିନ୍ଧି ନ ଥିବା ଲୋକଙ୍କଠାରୁ ଜରିମାନା ଆଦାୟ କରିଛନ୍ତି। ଏହାଛଡା ଜାତୀୟ ରାଜପଥ ଓ ବଜାରରେ ବିନା ମାସ୍କରେ ବୁଲୁଥିବା ଲୋକଙ୍କ ଠାରୁ ମଧ୍ୟ ଜରିମାନା ଆଦାୟ କରାଯାଇଛି।

## ଝଲସିଲା ସୂର୍ଯ୍ୟମନ୍ଦିର



କୋଣାର୍କ ସୂର୍ଯ୍ୟମନ୍ଦିରରେ ମଙ୍ଗଳବାର ଆରମ୍ଭ ହୋଇଥିବା ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'କୁ ପର୍ଯ୍ୟଟକମାନେ ବସି ଦେଖୁଛନ୍ତି।

## 'ଉର୍ଦ୍ଦୁ ଭାଷା ସମସ୍ତଙ୍କୁ ଏକାଠି କରିଛି'

**ରାଜ୍ୟସ୍ତରୀୟ ଉର୍ଦ୍ଦୁ ସାହିତ୍ୟ ସେମିନାର ଓ କବି ସମ୍ମିଳନୀ**

**ସାଲେପୁର,୧୧।୧(ଡି.ଏନ.ଏ.)**

ସାଲେପୁର ବ୍ଲକ ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତର ଦରିଆପୁରଠାରେ ମାହାଙ୍ଗା ବରାହିପୁରର ବିଦେଇ ବାବାଜୀଉ ଯୁବକ ସଂଘ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଉର୍ଦ୍ଦୁ ସେମିନାର ଓ କବି ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କବି ସୟଦ ରେହମାନିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ବିଶିଷ୍ଟ ଲେଖକ ତଥା କବି ମୌଲାନା ଜଇମୁଲ ଇସ୍‌ଲାମ କାଶ୍ମି ଯୋଗଦେଇ ଉର୍ଦ୍ଦୁ ଭାଷା ଜାତି, ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଏକାଠି କରିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ କବି ସୟଦ ରେହମାନି, ଅବ୍‌ଦୁଲ ମତିନ ଜାମି, ନୁର୍ ଇଲାହି ନାତିକ, ଖାୱର ନକିବ, ସଲାଉଦ୍ଦିନ ତସକିନ, ମୌଲାନା ଅସଗର୍ ହୁସେନ କାଶ୍ମି, ମୌଲାନା ଅଲିଇସରାର୍ କାଶ୍ମି ଓ ସୟେଦ ଅହମ୍ମଦ ଫରହାନ ପ୍ରମୁଖ ଯୋଗଦେଇ କବିତା ପାଠ କରିଥିଲେ। ସୟଦ ଅଲିମ ଏବଂ ସୟଦ ରେହମାନିଙ୍କୁ ସମ୍ମାନିତ କରାଯାଇଥିଲା। ବିଭୂତି ଭୂଷଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ମହାନଦୀ ପଠାରୁ ଡାକ୍ତରୀ ଛାତ୍ରଙ୍କ ମୃତଦେହ ଜବତ

**କଟକ ଅଫିସ,୧୧।୧**

ସୋମବାରଠାରୁ ନିଖୋଜ ଥିବା ଜଗମୋହନ ସେଠୀ ନାମକ ଜଣେ ଡାକ୍ତରୀ ଛାତ୍ରଙ୍କ ମୃତଦେହ ମଙ୍ଗଳବାର ପୂର୍ବାହ୍ନରେ କଟକ ମହାନଦୀ ପଠାରୁ ସିଡିଏ ଫେଜ-୨ ଥାନା ପୋଲିସ ଜବତ କରିଛି। ତାଙ୍କ ଘର ବ୍ରହ୍ମପୁର ମୟୂରବିହାର ରୟାଲ ରେସିଡେନ୍ସିରେ ହୋଇଥିବାବେଳେ ସେ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ପିଜି ତୃତୀୟ ବର୍ଷର ଛାତ୍ର ଥିଲେ। ସେ ସ୍ଥାନୀୟ ହଷ୍ଟେଲରେ ରହୁଥିଲେ।

ପୋଲିସ ସୂଚନା ମୁତାବକ, ସୋମବାରଠାରୁ ସେ ନିଖୋଜ ଥିଲେ। ସୋମବାର ସକାଳେ ତାଙ୍କ କାର ନଦୀବନ୍ଧ ଉପରେ ରହିଥିଲା। ଦୀର୍ଘ ସମୟ ଧରି କାର ନେବାକୁ କେହି ନ ଆସିବାରୁ ପୋଲିସ ସନ୍ଧ୍ୟାରେ ତାହାକୁ ଜବତ କରିଥିଲା। ଉକ୍ତ କାର ନମ୍ବର ଆଧାରରେ ପୋଲିସ ଜଗମୋହନଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ କରିଥିଲା। ଇତିମଧ୍ୟରେ ମଙ୍ଗଳବାର ସକାଳେ ମହାନଦୀ ପଠାରୁ ଜଗମୋହନଙ୍କ ମୃତଦେହ ମିଳିଥିଲା। ଖବରପାଇ ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଜଗମୋହନଙ୍କ ବାପା ଭଗବାନ ସେଠୀ ଓ ମା' ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପଠାଇଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ.୧/୨୨) ରୁଜୁ ହୋଇଛି। ଅପରପକ୍ଷେ ପୁଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଭଗବାନ ଥାନାରେ ଏତଲା ଦେଇଛନ୍ତି।

## ଅଗଣତାନ୍ତ୍ରିକ କାର୍ଯ୍ୟରୁ ପୋଲିସ ନିବୃତ୍ତ ରହୁ

**କଟକ ଅଫିସ, ୧୧।୧**

ଜଗତ୍‌ସିଂହପୁର ଜିଲା ଢିଙ୍କିଆ ଅଞ୍ଚଳରେ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ପୋଲିସର ଦମନ ପ୍ରତିବାଦରେ ମଙ୍ଗଳବାର ବିଭିନ୍ନ ନାଗରିକ ଅନୁଷ୍ଠାନ ପକ୍ଷରୁ ଡିଜିପିଙ୍କୁ ସ୍ମାରକପତ୍ର ଦିଆଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, ସରକାର କର୍ପୋରେଟ ସଂସ୍ଥାକୁ ଚାଷଜମି, ଖଣି, ପାଣି ଓ ଜଙ୍ଗଲ ବିନା ମୂଲ୍ୟରେ ଦେଉଛନ୍ତି। ଢିଙ୍କିଆ ଅଞ୍ଚଳର ବହୁ ଲୋକଙ୍କ ନାଁରେ ମିଥ୍ୟା ମକଦ୍ଦମା ରୁଜୁ କରାଯାଇ ବିଭିନ୍ନ ନିର୍ଯାତନା ଦିଆଯାଉଛି। ସରକାର ପୋଲିସ ଦ୍ୱାରା ସେଠାକାର ଚାଷୀ ଓ ଲୋକଙ୍କଠାରୁ ଜମି ଛଡାଇ ଏକ କମ୍ପାନୀକୁ ଦେବାକୁ ଉଦ୍ୟମ କରୁଛନ୍ତି। ଢିଙ୍କିଆ ଅଞ୍ଚଳବାସୀ ନିଜର ଜୀବନଜୀବିକା ଓ ଭିଟାମାଟିର ସୁରକ୍ଷା ପାଇଁ ଆନ୍ଦୋଳନ ଜାରି ରଖିଛନ୍ତି। ହେଲେ ପୋଲିସ ସେମାନଙ୍କୁ ନିର୍ଯାତନା ଦେଉଛି। ସେଠାରେ ଗଣତାନ୍ତ୍ରିକ, ସାମ୍ବିଧାନିକ, ମାନବିକ ଅଧିକାରକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ତେଣୁ ପୋଲିସ ଏପରି ଅଗଣତାନ୍ତ୍ରିକ କାର୍ଯ୍ୟରୁ ନିବୃତ୍ତ ରହିବାକୁ ଉକ୍ତ ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି।

# ପୂର୍ବତନ ମନ୍ତ୍ରୀ ଦୁର୍ଯ୍ୟୋଧନ ମାଝିଙ୍କ ପରଲୋକ

**ଭୁବନେଶ୍ୱର,୧୧।୧ (ବ୍ୟୁରୋ)**



ପୂର୍ବତନ ମନ୍ତ୍ରୀ ତଥା ନୂଆପଡା ଜିଲା ଖଡିଆଳ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ମାଝିଙ୍କ ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ବର୍ଷ ହୋଇଥିଲା। ଭୁବନେଶ୍ୱର ବାସଭବନରେ ରାତିରେ ଶୋଇଥିବା ବେଳେ ହଠାତ୍ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ରାତି ପ୍ରାୟ ୩ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ଅପରାହ୍ନରେ ତାଙ୍କ ପାର୍ଥିବ ଶରୀରକୁ ବିଧାନସଭା ପରିସରକୁ ନିଆଯାଇଥିଲା। ସେଠାରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ବୁଧବାର ନିଜ ଗାଁ ବୋଇରଗାଁଠାରେ ଦିବଂଗତ ନେତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ସୂତ୍ରରୁ ସୂଚନା ମିଳିଛି। ନୂଆପଡ଼ା ଜିଲା ବୋଡେନ ବ୍ଲକ ବୋଇରଗାଁ ଗ୍ରାମରେ ୧୯୩୮ରେ ଜନ୍ମଗ୍ରହଣ କରିଥିଲେ ଦୁର୍ଯ୍ୟୋଧନ। ରେଭେନ୍‌ଶା କଲେଜରେ ଅଧ୍ୟୟନ ପରେ ରାଜନୀତିରେ ଯୋଗଦେଇ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ପରେ ସେ ବୋଡେନ ବ୍ଲକ ଅଧ୍ୟକ୍ଷ ହୋଇଥିଲେ। ୧୯୯୦, ୧୯୯୫ରେ ଜନତା ଦଳରୁ ଏବଂ ୨୦୦୦ ଓ ୨୦୦୪ରେ ସେ ବିଜେଡିରୁ ଖଡିଆଳରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ୨୦୦୦ରୁ ୨୦୦୯ ମଧ୍ୟରେ ସେ ସୂଚନା ଓ ପ୍ରସାରଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଯୋଜନା ସମନ୍ୱୟ, ବିଜ୍ଞାନ ଓ କାରିଗରି ବିଭାଗର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୨୦୦୯ରେ ତାଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ୨୦୧୪ରେ ଭାଜପା ଟିକେଟରେ ସେ ଖଡିଆଳ ନିର୍ବାଚନମଣ୍ଡଳୀରୁ ଜିତି ନିଜର ଲୋକପ୍ରିୟତାର ପ୍ରମାଣ ଦେଇଥିଲେ। ୨୦୧୯ରେ ଭାଜପାରୁ ଇସ୍ତଫା ଦେଇ ସେ ବିଜେଡିରେ ସାମିଲ ହୋଇଥିଲେ। ଏହି ବର୍ଷୀୟାନ ନେତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଧାୟକ, ଏମ୍‌ପି ଓ ରାଜନେତା ଗଭୀର ଶୋକପ୍ରକାଶ କରିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦିଲ୍ଲୀପ



@ ସତ୍ୟଜିତ୍



@ ଆଲିସା



@ ମିନତି



@ ସିଦ୍ଧାନ୍ତ



@ ପ୍ରେମ୍

## ମୁମ୍ବାଇରେ ଆୟୁଷ୍ମାନଙ୍କ ୧୯ କୋଟିର ବଙ୍ଗଳା



**ମୁମ୍ବାଇ:** ବଲିଉଡ୍‌ର ସଫଳ ଅଭିନେତା ଆୟୁଷ୍ମାନ ଖୁରାନାଙ୍କ ଅଭିନୟ କ୍ୟାରିୟରକୁ ୧୮ ବର୍ଷ ପୂରିଛି। ସେ ଏବେ ୩୭ ବର୍ଷ ବୟସରେ ପଦାର୍ପଣ ରହିଥିବାବେଳେ ପରିବାର ପାଇଁ ମୁମ୍ବାଇରେ ଏକ ବିଳାସପୂର୍ଣ୍ଣ ବଙ୍ଗଳା କିଣିଛନ୍ତି। ଏହାର ମୂଲ୍ୟ ୧୯ କୋଟି ଟଙ୍କା ରହିଛି। ଏଥିରେ ୪ କୋଟିର ପାର୍କିଂ ପ୍ଲଟ୍ ରହିଛି। ମୁମ୍ବାଇର ଅନ୍ଧେରୀ ୱେଷ୍ଟର ଲୌଖଣ୍ଡୱାଲା କମ୍ପ୍ଲେକ୍ସର ହାଉସିଂ କମ୍ପ୍ଲେକ୍ସର ୱିଣ୍ଡୋ ଗ୍ରାଣ୍ଡ ରେସିଡେନ୍ସିରେ ରହିବା ପାଇଁ ଗତ ବର୍ଷ ୨୯ ନଭେମ୍ବରରୁ ସେ ଡିଲ୍ ଫାଇନାଲ କରିଥିଲେ। ଏହି ବିଲ୍ଡିଂରେ କ୍ୟାଟ୍ରିନା କୈଫ ଏବଂ ବିକି କୌଶଲ, ଅନୁଷ୍କା ଶର୍ମା ଏବଂ ବିରାଟ କୋହଲି ମଧ୍ୟ ଘର ନେଇଛନ୍ତି।



ପୁରୀ ବେଳାଭୂମିରେ ବ୍ଲୁ ଫ୍ଲାଗ ବିଚ୍‌କୁ ବିରୋଧ କରି ବେଳାଭୂମିର କ୍ଷୁଦ୍ର ବ୍ୟବସାୟୀମାନେ ପ୍ରଶାସନ ଦ୍ୱାରା ଖୋଳାଯାଇଥିବା ଜାଗାକୁ ମଙ୍ଗଳବାର ପୋତୁଛନ୍ତି।



ଖୋର୍ଦ୍ଧା: ବୋଲଗଡ ବ୍ଲକ ସଁପୁର ଗ୍ରାମସ୍ଥିତ ଖେଳପଡିଆରେ ଅନୁଷ୍ଠିତ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବରେ ମଙ୍ଗଳବାର ଅତିଥିଙ୍କଠାରୁ ଚାମ୍ପିୟନ ଦଳ ଟ୍ରଫି ଗ୍ରହଣ କରୁଛି।




ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ମଙ୍ଗଳବାର ରବୀନ୍ଦ୍ରମଣ୍ଡପରେ ଆୟୋଜିତ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମାତୃ ପ୍ରସାଦ ଦାସ ଓଡ଼ିଶୀ ସଙ୍ଗୀତ ପରିବେଷଣ କରୁଛନ୍ତି।